## ସଂକ୍ଷେପରେ

### ଗ୍ୟାସ୍ ଦରବୃଦ୍ଧିକୁ ମଧ୍ୟବିତ୍ତ ପରିବାର ସଂଘର ବିରୋଧ



କେନ୍ଦ୍ରାପଡ଼ା ଅଫିସ,୨।୯: ଚଳିତ ମାସରେ ଘରୋଇ ଏଲପିଜି ସିଲିଣ୍ଡର ପିଛା ୨୫ ଟଙ୍କା ବୃଦ୍ଧି ହୋଇଛି। ଏହାକୁ ରାଷ୍ଟ୍ରୀୟ ମଧ୍ୟବିତ୍ତ ପରିବାର ମହାସଂଘ ପକ୍ଷରୁ ବିରୋଧ ହୋଇଛି। କେନ୍ଦ୍ର ସରକାରଙ୍କ ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟର ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର କେନ୍ଦ୍ରାପଡ଼ା ଜିଲା ଶାଖା ପକ୍ଷରୁ ଏଡିଏମ୍ ବସନ୍ତ କୁମାର ରାଉତଙ୍କୁ ଗୁରୁବାର ପ୍ରଦାନ କରାଯାଇଛି। ଏ ସମ୍ପର୍କରେ ଜିଲା ସଭାପତି ନିରଞ୍ଜନ ପରିଡା କହିଛନ୍ତି, କରୋନା ସଂକ୍ରମଣ ମଧ୍ୟବିତ୍ତ ପରିବାରର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ଟ୍ୟାକ୍ସ ଗଣୁଥିବା ବେଳେ ମଧ୍ୟବିତ୍ତ ପରିବାରକୁ କୌଣସି ରିହାତି ବା ସହଯୋଗ ଦିଆଯାଇନାହିଁ। ଅପରପକ୍ଷରେ ବିଭିନ୍ନ ସାମଗ୍ରୀର ଦରବୃଦ୍ଧି ହେଉଛି। ଦୁଇ ମାସ ମଧ୍ୟରେ ଗ୍ୟାସ ସିଲିଣ୍ଡର ପିଛା ୫୦ ଟଙ୍କା ବଢ଼ିଥିବା ବେଳେ ଚଳିତ ମାସ ଆରମ୍ଭରୁ ୨୫ ଟଙ୍କା ବୃଦ୍ଧି ହୋଇଛି। ଜାଳେଣି ଗ୍ୟାସକୁ ବିସ୍ତାର ପାଇଁ କେନ୍ଦ୍ର ସରକାର ଉଜ୍ଜ୍ୱଳା ଯୋଜନା କରିଥିବା ବେଳେ ଗ୍ୟାସ ଦର ବୃଦ୍ଧି ଏହି ଯୋଜନାର ପରିପନ୍ଥୀ ହୋଇଛି। ବିଶେଷକରି ମଧ୍ୟବିତ୍ତ ପରିବାର ଏହାର କୁଫଳ ଭୋଗୁଛନ୍ତି। ତୁରନ୍ତ ଗ୍ୟାସ ମୂଲ୍ୟ କମ କରା ନ ଗଲେ ମହାସଂଘ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଜିଲା ସଭାପତି ପରିଡା କହିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ରାଜ୍ୟ ସମ୍ପାଦକ ହରେକୃଷ୍ଣ ପାତ୍ର, କର୍ମକର୍ତ୍ତା ସରୋଜ ରାଉତ, ବାସନ୍ତିଲତା ମହାପାତ୍ର, ଚିତ୍ରସେନ ମଣ୍ଡଳ ପ୍ରମୁଖ ସାମିଲ ହୋଇଥିଲେ।

### ସିପିଆଇଏମ୍ଏଲ୍ ପକ୍ଷରୁ ଖରସ୍ରୋତା ବଞ୍ଚାଅ ଅଭିଯାନ

ପଟ୍ଟାମୁଣ୍ଡାଇ,୨।୯(ସ୍ୱ.ପ୍ର.): ଖରସ୍ରୋତା ନଦୀରେ ମେଗା ପାନୀୟଜଳ ପ୍ରକଳ୍ପ ମାଧ୍ୟମରେ ରାଜ୍ୟ ସରକାର ଭଦ୍ରକ ଜିଲାକୁ ପାଣି ଯୋଗାଇ ଦେବା ଘୋଷଣାକୁ ନେଇ ବିଭିନ୍ନ ସାମାଜିକ, ରାଜନୈତିକ ସଂଗଠନ ପକ୍ଷରୁ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ସିପିଆଇଏମ୍ଏଲ ପକ୍ଷରୁ ଖରସ୍ରୋତା ବଞ୍ଚାଅ ଅଭିଯାନ ଆରମ୍ଭ ହୋଇଛି। ପଟ୍ଟାମୁଣ୍ଡାଇ ଧୋଇଆଞ୍ଚଳର ବଲୁଡ଼ିଆ ପଞ୍ଚାୟତରେ ସିପିଆଇଏମ୍ଏଲ ନେତା ସଞ୍ଜୀବ ବାରିକଙ୍କ ସଭାପତିତ୍ୱରେ ଖରସ୍ରୋତା ନଦୀ ଜଳ ବଞ୍ଚାଅ ଶୀର୍ଷକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ଖରସ୍ରୋତା ଆନ୍ଦୋଳନ ସ୍ଥଳକୁ ସିପିଆଇଏମ୍ଏଲର ଏକ ପ୍ରତିନିଧି ଦଳ ଗସ୍ତ କରି ବାସ୍ତବ ଚିତ୍ର ସମ୍ପର୍କରେ ଅବଗତ ହେବା ସହ ଆନ୍ଦୋଳନରେ ସାମିଲ ହେବାକୁ ନିଷ୍ପତ୍ତି ନିଆଯାଇଥିଲା। ଏହି ସଭାରେ ସଞ୍ଜୀବ ମଲିକ, ପ୍ରଦୀପ ମଲିକ, ଉମେଶ ମଲିକ, ବସନ୍ତ ମଲିକ, ଦାମୋଦର ରାଉତ, ସଞ୍ଜୀବ କୁମାର ରାଉତ, ଉମେଶ କୁମାର ସାମଲ, ପ୍ରଫୁଲ୍ଲ ରାଉତ, ବିଦ୍ୟାଧର ଜେନା, ବିକ୍ରମ ସାହାଣୀ, ସନାତନ ବେହେରା, ଗଗନ ରାଉତ, ସୁରେନ୍ଦ୍ର ରାଉତ ଓ ବିଶ୍ୱଜିତ ରାଉତ ପ୍ରମୁଖ ବହୁ କାର୍ଯ୍ୟକର୍ତ୍ତା ଓ କର୍ମୀ ଯୋଗ ଦେଇଥିଲେ।

# ଗୋଟିଏ ଗଛ ନାହିଁ, ୯ ଲକ୍ଷ ଟଙ୍କା ଚଲୁ

**ମହାକାଳପଡ଼ା ବ୍ଲକ ବଉଳକଣି ପଞ୍ଚାୟତ**

- ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨ ପ୍ରକଳ୍ପରେ ହୋଇଛି କାମ
- କାଗଜପତ୍ରରେ ବୃକ୍ଷ ରୋପଣ
- ସାକ୍ଷୀ ପାଲଟିଛି ସୂଚନା ଫଳକ



କେନାଲ ବନ୍ଧ ପାର୍ଶ୍ୱ ହରି ମଣ୍ଡଳଙ୍କ ଘରଠାରୁ ଲୁଣାଘେରି ଗାଁ ପର୍ଯ୍ୟନ୍ତ ଗୋଟିଏ ବି ଗଛ ନାହିଁ। ହେଲେ ସୂଚନା ଫଳକ ଲଗାଯାଇଛି।

ମହାକାଳପଡ଼ା,୨।୯ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଅଞ୍ଚଳରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ରାସ୍ତାପାର୍ଶ୍ୱରେ ବୃକ୍ଷ ରୋପଣ କରାଯାଇଥିବା କାଗଜ ପତ୍ରରେ ଦର୍ଶାଯାଇଛି। କେବଳ ସୂଚନା ଫଳକରେ ବୃକ୍ଷ ରୋପଣ ସୀମିତ ରହିଛି। ବ୍ଲକର ବଉଳକଣି ପଞ୍ଚାୟତରେ ୨ ବୃକ୍ଷରୋପଣ ପ୍ରକଳ୍ପ ନାଁରେ ୯ ଲକ୍ଷ ଟଙ୍କା ଚଲୁ କରାଯାଇଥିବା ଅଭିଯୋଗ ହେଉଛି। ଏହି ପ୍ରକଳ୍ପରେ ଗୋଟିଏ ବି ଗଛ ଦେଖିବାକୁ ମିଳୁନାହିଁ।

ମିଳିଥିବା ସୂଚନା ଅନୁସାରେ, ପଞ୍ଚାୟତର ଟାଙ୍କିବେଲାରି ଗ୍ରାମଠାରୁ ବଡମଠ ଗାଁ ପର୍ଯ୍ୟନ୍ତ ଓ ଜମ୍ବୁ-ମାର୍ଶାଘାଇ ମୁଖ୍ୟ କେନାଲ ବନ୍ଧ ସରୁମୁହଁ ଗାଁକୁ ଯାଇଥିବା ଶାଖା କେନାଲ ବନ୍ଧର ହରି ମଣ୍ଡଳଙ୍କ ଘରଠାରୁ ଲୁଣାଘେରି ଗାଁ ପର୍ଯ୍ୟନ୍ତ ଚଳିତବର୍ଷ ଚାରା ରୋପଣ କରାଯାଇଥିଲା। ରକ୍ଷଣାବେକ୍ଷଣ ଅଭାବରୁ ତାହା ନଷ୍ଟ ହୋଇଥିବା କୁହାଯାଉଛି। ତେବେ ଏହି ଦୁଇ ପ୍ରକଳ୍ପରେ କେବଳ ସୂଚନା ଫଳକ ଦେଖିବାକୁ ମିଳୁଛି। ହେଲେ ଗଛ ଗୋଟିଏ ହେଲେ ବି ନାହିଁ। ତେବେ ଏହି ପ୍ରକଳ୍ପ ଲାଗି ଅନୁଦାନ ଆକାରରେ ପୃଥକ୍ ଭାବେ ୪ ଲକ୍ଷ ୫୭ ହଜାର ଲେଖାଏଁ ମୋଟ ୯ ଲକ୍ଷ ୧୪ ହଜାର ଟଙ୍କାକୁ ଉଠାଯାଇଛି। ଏହା ବିଭାଗୀୟ ଅଧିକାରୀ ଓ ଭେଣ୍ଡରଙ୍କ ମଧ୍ୟରେ ସଲାସୂତରା ଭାଗ ବଣ୍ଟା ହୋଇଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଏହି ପ୍ରକଳ୍ପ ପାଇଁ ସରକାର ଏତେ ଟଙ୍କା ବ୍ୟୟ କରୁଥିଲେ ମଧ୍ୟ ତୃଣମୂଳ ସ୍ତରରେ ବିଭାଗୀୟ ଅଧିକାରୀ ଏହିଅର୍ଥକୁ ଲୁଟ୍ ପାଟ କରୁଥିବା କୁହାଯାଇଛି। କେତେଜଣ ଅସାଧୁ ଅଧିକାରୀଙ୍କ ଅର୍ଥ ଲୁଣ୍ଠନକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏ ନେଇ ବୁଦ୍ଧିଜୀବୀମାନେ ଜିଲାପାଳଙ୍କୁ ଭେଟି ଦୁଇ ପ୍ରକଳ୍ପ ବାବଦରେ ଅର୍ଥ ଲୁଟ୍ ହୋଇଥିବା ନେଇ ତଦନ୍ତ କରିବାକୁ ଅଭିଯୋଗ ପତ୍ର ଦେବା ନେଇ ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି। ସେହିପରି ବ୍ଲକର ବିଭିନ୍ନ ଅଞ୍ଚଳରେ ବୃକ୍ଷ ରୋପଣ ପ୍ରକଳ୍ପ ନାଁରେ ବିପୁଳ ଅର୍ଥ ଚଲୁ କରାଯାଇଛି ବୋଲି ଅଭିଯୋଗ ହେଉଛି। ଅପରପକ୍ଷ ଏହି ଦୁଇ ପ୍ରକଳ୍ପରେ ନିୟୋଜିତ କେତେଜଣ ଶ୍ରମିକଙ୍କ ଜବ୍‌କାର୍ଡକୁ ନେଇ କାଗଜପତ୍ରରେ ଏମାନଙ୍କ ଟଙ୍କାକୁ ହଡ଼ପ କରାଯାଉଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ବ୍ଲକ ସହକାରୀ ଯନ୍ତ୍ରୀ ପରମାନନ୍ଦ ନାୟକଙ୍କୁ ପଚାରିବାରେ ୨ଟି ବୃକ୍ଷ ରୋପଣ ପ୍ରକଳ୍ପରେ ଚାରାଗୁଡିକ ନଷ୍ଟ ହୋଇଯାଇଛି। ପୁଣି ଚାରାରୋପଣ କରାଯିବ ବୋଲି ଦାୟିତ୍ୱରେ ଥିବା ପଞ୍ଚାୟତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ଚିଙ୍ଗୁଡ଼ିଚାଷ ଜୈବ ବିବିଧତା ନଷ୍ଟ କରୁଛି


ବେଆଇନ ଘେରିରୁ ଚିଙ୍ଗୁଡି ଉତ୍ପାଦନ କରାଯାଇ ବାହାରକୁ ରପ୍ତାନି ହେଉଛି। ଚିଙ୍ଗୁଡି ଘେରି।

ମହାକାଳପଡ଼ା,୨।୯ (ଡି.ଏନ୍.ଏ.)

- ବଢୁଛି ମୃତ୍ତିକା ଅବକ୍ଷୟ
- ହାଇକୋର୍ଟଙ୍କ ନିର୍ଦ୍ଦେଶ ହେଉନି କାର୍ଯ୍ୟକାରୀ

ଚିଙ୍ଗୁଡି ଘେରିରେ ବ୍ୟବହୃତ ହେଉଥିବା ରାସାୟନିକ ପଦାର୍ଥ ଜଳରେ ମିଶିବାରୁ ବିଷ ପାଲଟୁଛି। ଏ ନେଇ ଜୀବଜନ୍ତୁ, ଜଙ୍ଗଲ ଓ ମୃତ୍ତିକା କ୍ଷୟ ହେବା ସହ ଜୈବବିବିଧତା ନଷ୍ଟ ହେଉଛି। ଏହାକୁ ଦୃଷ୍ଟିରେ ରଖି ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଉପକୂଳ ଅଞ୍ଚଳରେ ସରକାରୀ ଓ ଜଙ୍ଗଲ ଜମିରେ ବେଆଇନ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ଅଭିଯାନ ଜୋରଦାର କରିବାକୁ କେନ୍ଦ୍ରାପଡ଼ା ଜିଲା ପ୍ରଶାସନ ମହାକାଳପଡ଼ା ବ୍ଲକ ପ୍ରଶାସନକୁ ଚିଠି କରିଛି। ପ୍ରଶାସନ ଉପକୂଳ ଅଞ୍ଚଳରେ ନାମକୁମାତ୍ର କେତେଗୋଟି ଘେରିକୁ ଉଚ୍ଛେଦ କରି ହାତ ବାନ୍ଧି ବସିଛି। କେତେଜଣ ଚିଙ୍ଗୁଡି ବ୍ୟବସାୟୀ ଉଚ୍ଛେଦକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ। କାରଣ ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ରାଜନେତାଙ୍କ ଚାପରେ ପ୍ରଶାସନ ଘେରି ଉଚ୍ଛେଦ କାମକୁ ବନ୍ଦ କରିଥିବା ସାଧାରଣରେ ଚର୍ଚ୍ଚା ହେଉଛି।

ବ୍ଲକ ପ୍ରଶାସନ ପକ୍ଷରୁ ସୁନିତି ପଞ୍ଚାୟତରେ ୪ ମାସ ତଳେ ହାତ ଗଣତି ଘେରି ଉଚ୍ଛେଦ କରିଥିଲା। ଅପରପକ୍ଷେ ହାଇକୋର୍ଟର ଏକ ସ୍ୱତନ୍ତ୍ର ନିର୍ଦ୍ଦେଶନାମାରେ ସରକାରୀ ଜମିରେ ଯେଉଁ ଚିଙ୍ଗୁଡ଼ି ଘେରି ଉଚ୍ଛେଦ ହେଉଛି ତା'ର ଭିଡିଓ କରିବା ସହ ଘେରିର ସମସ୍ତ ଯନ୍ତ୍ରାଂଶକୁ ଜବତ କରି ଅନ୍ୟ ଏକ ସ୍ଥାନରେ ବିଭାଗୀୟ କର୍ମଚାରୀଙ୍କ ହେପାଜତରେ ଷ୍ଟକ୍ ରଖିବାକୁ ଉଲ୍ଲେଖ ରହିଛି। ବ୍ଲକର ଉପାନ୍ତ ଅଞ୍ଚଳରେ ବହୁ ସଂଖ୍ୟକ ବେଆଇନ ଚିଙ୍ଗୁଡ଼ି ଘେରି ନିର୍ମାଣ ଯୋଗୁ ସଂରକ୍ଷିତ ଜଙ୍ଗଲ ଉପରେ ପ୍ରଭାବ ପଡୁଛି। ଫଳରେ ଏହି ଘେରିର ଉଦ୍‌ବୃତ୍ତ ରାସାୟନିକ ଜଳ ନିଷ୍କାସିତ ହୋଇ ନଦୀ ଓ ସମୁଦ୍ରରେ ମିଶୁଛି। ଫଳରେ ସଂଲଗ୍ନ ଜଙ୍ଗଲ ଓ ଜୀବଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି କରୁଛି। ଜଙ୍ଗଲଗୁଡ଼ିକର ଜୈବ ବିବିଧତା ନଷ୍ଟ ହେବା, ମୃତ୍ତିକା ଅବକ୍ଷୟ ହେଉଛି ବୋଲି ଅଞ୍ଚଳର ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି।

ବ୍ଲକର ବଟୀଘର, ଖରିନାସୀ, ରାମନଗର, ବଉଳକଣି, ପେଟଛେଲା, ଜମ୍ବୁ, ସୁନିତି, ନାଙ୍ଗୁରା, ବଡିଡ଼ି, କଂଶାରବଡ ଦାଣ୍ଡୁଆ, ଗଗୁଆ ଆଦି ପଞ୍ଚାୟତରେ ସରକାରୀ, ବେସରକାରୀ ଜମିରେ ବହୁ ଚିଙ୍ଗୁଡି ଘେରି ହୋଇଛି। ସେହିପରି ଚାଷ ଜମିରେ ଘେରି ନିର୍ମାଣ ହେବାଦ୍ୱାରା ଉକ୍ତ ଜମିର ମୃତ୍ତିକା ନଷ୍ଟ ହେଉଛି। ଘେରି ସଂଲଗ୍ନ ଜମିରେ ଧାନ ଫସଲ ପ୍ରତି ବିପଦ ସୃଷ୍ଟି ହେଉଛି ବୋଲି ଚାଷୀ ବାବାଜୀ ବେହେରା, ଶରତ ସାମଲ, ଅନିରୁଦ୍ଧ ସ୍ୱାଇଁ, ବସନ୍ତ ବେହେରାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ଅଭିଯୋଗ ହେଉଛି। ଅପରପକ୍ଷରେ ଏହି ଚିଙ୍ଗୁଡ଼ି ଉତ୍ପାଦନ ହେବା ପରେ ବ୍ୟବସାୟୀମାନେ ଚଢ଼ା ଦରରେ କିଣି ବଡ଼ ବଡ଼ ଟ୍ରକ, ପିକ୍‌ଅପ ଭ୍ୟାନରେ ପ୍ରଥମେ ପାରାଦୀପ, ଭୁବନେଶ୍ୱର, ବାଲେଶ୍ୱର ପରେ କୋଲକାତା ଦେଇ ଜଳ ଜାହାଜ, ଉଡ଼ାଜାହାଜ ଯୋଗେ ବିଦେଶକୁ ରପ୍ତାନି କରୁଛନ୍ତି। ଏ ସମ୍ପର୍କରେ ମହାକାଳପଡ଼ା ତହସିଲଦାର ସୌଭାଗ୍ୟ ରଞ୍ଜନ ପଣ୍ଡାଙ୍କୁ ପଚାରିବାରେ ଖୁବ୍‌ଶୀଘ୍ର ଘେରି ଉଚ୍ଛେଦକୁ ଜୋରଦାର କରାଯିବ ବୋଲି ସେ କହିଛନ୍ତି।

## ବିଲିକଣା ପଞ୍ଚାୟତରେ କଂଗ୍ରେସ କର୍ମୀ ସମ୍ମିଳନୀ

ପଟ୍ଟାମୁଣ୍ଡାଇ, ୨।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ ବ୍ଲକ ବିଲିକଣା ପଞ୍ଚାୟତରେ କଂଗ୍ରେସର ପଞ୍ଚାୟତସ୍ତରୀୟ କଂଗ୍ରେସ ସମ୍ମିଳନୀ ବୁଧବାର ଅନୁଷ୍ଠିତ ହୋଇଯାଇଛି। କଂଗ୍ରେସ ବ୍ଲକ ସଭାପତି ମଳୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଜିଲା କଂଗ୍ରେସ କମିଟି ସଭାପତି ତଥା ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ଆଗାମୀ ପଞ୍ଚାୟତ ନିର୍ବାଚନରେ ଏକାଠି ହୋଇ ନିର୍ବାଚନ ଲଢିବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନଗର କଂଗ୍ରେସ କମିଟି ସଭାପତି ଅମୂଲ୍ୟ ପ୍ରଧାନ, ଜିଲା କଂଗ୍ରେସ ଉପସଭାପତି ପ୍ରଦୀପ ପ୍ରଧାନ, କୃଷକ ସେଲ ସଭାପତି ନିମାଇଁ କର, ମାଗୁଣୀ ଲେଙ୍କା, ଦୁର୍ଯ୍ୟୋଧନ ରାଉତ, ଓଁକାର ମହାନ୍ତି ପ୍ରମୁଖ ନେତୃବୃନ୍ଦ ଯୋଗ ଦେଇଥିଲେ। ଏହି ଅବସରରେ ପଞ୍ଚାୟତ ସ୍ତରୀୟ କଂଗ୍ରେସ ସଙ୍ଗଠନର କର୍ମକର୍ତ୍ତାମାନଙ୍କୁ ନିର୍ବାଚିତ କରାଯାଇଥିଲା। ସହଦେବ ନାୟକ ସଭାପତି, ମାନସ ରଞ୍ଜନ ମିଶ୍ର କାର୍ଯ୍ୟକାରୀ ସଭାପତି, ଗଦାଧର ପ୍ରଧାନ, ଅମୀୟ ଦାସ, ନିର୍ମଳ ଜେନା ଉପସଭାପତି, ଜ୍ଞାନରଞ୍ଜନ ପଟ୍ଟନାୟକ, ଭରତ ମଳିକ, ଲିଙ୍କୁ ମଳିକ, ମହନୀ ମଳିକ, ଅଭିମନ୍ୟୁ ବେହେରା ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଛନ୍ତି। ଦିଲୀପ ସ୍ୱାଇଁଙ୍କୁ ଯୁବ କଂଗ୍ରେସ ସଭାପତି, ସାବିତ୍ରୀ ସାମଲଙ୍କୁ ମହିଳା ସଭାନେତ୍ରୀ, ଭକ୍ତଧର ମଳିକଙ୍କୁ ହରିଜନ ସେଲ ସଭାପତି ଓ ଧରଣୀଧର ଭୋଇଙ୍କୁ କୃଷକ ସେଲ ସଭାପତି ଭାବେ ନିର୍ବାଚିତ କରାଯାଇଛି।

# ଆନ୍ଦୋଳନକାରୀଙ୍କୁ ଜାମିନ ମିଳିଲା ନାହିଁ

କେନ୍ଦ୍ରାପଡ଼ା ଅଫିସ, ୨।୯

**ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନ ମାମଲା**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହା ନିକଟ ଖରସ୍ରୋତା ନଦୀ ବଞ୍ଚାଅ ଆନ୍ଦୋଳନରେ ହୋଇ ଜେଲ ଯାଇଥିବା ୨୪ ଆନ୍ଦୋଳନକାରୀଙ୍କୁ ଗୁରୁବାର ଜାମିନ ମିଳିନାହିଁ। ଜିଲା ଜଜ୍ ଗୋପାଳ ଚନ୍ଦ୍ର ବେହେରା ଏ ସମ୍ପର୍କରେ ରାଜକନିକା ଥାନାର ୨ ମାମଲା (୨୮୫, ୨୮୬/୨୧) ଶୁଣାଣି କରି ତଦନ୍ତରେ ବାଧା ହେବା ସମ୍ଭାବନା ଦର୍ଶାଇ ଜାମିନ ଆବେଦନକୁ ଖାରଜ କରିଛନ୍ତି। ଏହି ଦୁଇ ମାମଲା ଅନୁଯାୟୀ, ଭଦ୍ରକ ଜିଲାର ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ କେନ୍ଦ୍ରାପଡ଼ା ଜିଲା ବରୁଣାଡିହା ନିକଟ ଖରସ୍ରୋତା ନଦୀରୁ ପାଣି ଉଠାଯିବା ପାଇଁ ନିର୍ମାଣ କାର୍ଯ୍ୟ ଚାଲିଛି। ଏହି ପ୍ରକଳ୍ପକୁ ସ୍ଥାନୀୟ ଅଞ୍ଚଳବାସୀ ବିରୋଧ କରୁଥିବାରୁ ଜିଲା ପ୍ରଶାସନ ପକ୍ଷରୁ ବରୁଣାଡିହା ସମେତ ନିକଟସ୍ଥ ୨ ପଞ୍ଚାୟତରେ ସିଆରପିସି ଧାରା ୧୪୪ରେ କଟକଣା ଲଗାଇ ଥିଲେ। ତେବେ ଅଗଷ୍ଟ ୧୦ରେ ଆନ୍ଦୋଳନକାରୀମାନେ ପ୍ରକଳ୍ପ ନିର୍ମାଣ ସ୍ଥାନକୁ ଧସେଇ ପଶି ପୋଲିସ ପ୍ରଶାସନକୁ ଆକ୍ରମଣ ସହ ୧୫ ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ କରିଥିଲେ। ଏଥିସହ ନିର୍ମାଣ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କଠାରୁ ଦେଢ଼ ଲକ୍ଷ ଟଙ୍କା ଛଡାଇ ନେଇଛନ୍ତି। ତେବେ ଆନ୍ଦୋଳନକାରୀଙ୍କ ଓକିଲ ଧରଣୀଧର ନାୟକ ଅଭିଯୁକ୍ତମାନେ ଆନ୍ଦୋଳନକାରୀ ନୁହନ୍ତି ଓ ନିରପରାଧୀ ଦର୍ଶାଇ ଜାମିନ ଆବେଦନ କରିଥିଲେ। ଏହି ଦୁଇ ମାମଲାର ତଦନ୍ତ ଚାଲିଥିବା ଓ ତଦନ୍ତରେ ବାଧା ସୃଷ୍ଟି ସମ୍ଭାବନାର ଥିବାରୁ ଜାମିନ ଆବେଦନ ଖାରଜ କରାଗଲା ବୋଲି ଜିଲା ଜଜ୍ ବେହେରା ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି।

# ବିପଦସଙ୍କୁଳ ମଲା ଆମ୍ବଗଛ

ଡେରାବିଶ,୨।୯(ସ୍ୱ.ପ୍ର.)

**କାଟିବା ପାଇଁ ତହସିଲଦାରଙ୍କୁ ନିବେଦନ**

ଡେରାବିଶ ବ୍ଲକ ଛୋଟି ପଞ୍ଚାୟତର ରାମଚଣ୍ଡୀ ବିଦ୍ୟା ନିକେତନ ଏହି ଅଞ୍ଚଳର ବହୁ ପୁରାତନ ଶିକ୍ଷାନୁଷ୍ଠାନ। ବିଦ୍ୟାଳୟରେ ଶତାଧିକ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ଦୀର୍ଘଦିନର ଏକ ମଲା ଆମ୍ବ ଗଛ ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟର ଖେଳ ପଡ଼ିଆ ନିକଟରେ ରହିଛି। ଗଛଟି ଖେଳପଡ଼ିଆର ପାର୍ଶ୍ୱରେ ଥିବାରୁ କୌଣସି ସମୟରେ ଭାଙ୍ଗି ପଡ଼ିବାର ସମ୍ଭାବନା ରହିଛି। ଏଥିରେ ସ୍କୁଲ ପିଲାଙ୍କର ଜୀବନ ପ୍ରତି ବିପଦ ଥିବାରୁ ଗଛଟିକୁ ଯଥାଶୀଘ୍ର କାଟିଦେବାକୁ ବୁଧବାର ଛୋଟି ପଞ୍ଚାୟତ ସରପଞ୍ଚ କୁମାର ଚନ୍ଦ୍ର ବଳ ତହସିଲଦାରଙ୍କୁ ସ୍ଥାନୀୟ ଆରଆଇଙ୍କ ମାଧ୍ୟମରେ ନିବେଦନ କରିଛନ୍ତି। ଏ ସମ୍ପର୍କରେ ତହସିଲଦାର ସମ୍ବିତ ଶତପଥୀଙ୍କୁ ପଚାରିବାରୁ ଘଟଣାର ଅନୁଧ୍ୟାନ କରିବାକୁ ସମ୍ପୃକ୍ତ ସର୍କଲ ଆରଆଇଙ୍କୁ ନିର୍ଦ୍ଦେଶ ଦେଇଥିବା କହିଛନ୍ତି।


ଖେଳପଡିଆରେ ଥିବା ମଲା ଆମ୍ବ ଗଛ।

# ଆମରଣ ଅନଶନ ଘୁଞ୍ଚିଲା

ଆଳି,୨।୯(ଡି.ଏନ.ଏ.)

**ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ଗଣଧାରଣା ଜାରି**

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ବରୁଣାଡିହାଠାରେ ଖରସ୍ରୋତା ନଦୀରେ ମେଗା ପାନୀୟ ଜଳ ପ୍ରକଳ୍ପ କରି ଭଦ୍ରକ ଜିଲାକୁ ପାଣି ଯୋଗାଇ ଦେବାକୁ ବିରୋଧ କରି ଖରସ୍ରୋତା ନଦୀ ବଞ୍ଚାଅ ସଂଗ୍ରାମ ସମିତିର ଗଣଧାରଣା ଗୁରୁବାର ୧୯ ଦିନରେ ପହଞ୍ଚିଛି। ସମିତି ପକ୍ଷରୁ ପୂର୍ବରୁ ଘୋଷଣା କରାଯାଇଥିବା ଆମରଣ ଅନଶନକୁ ଘୁଞ୍ଚାଇ ଦିଆଯାଇଛି।

ଗୋଟିଏ ପଟେ ସଂଗ୍ରାମ ସମିତି ପକ୍ଷରୁ ଗଣଧାରଣା ଚାଲିଥିବା ବେଳେ ଅପରପକ୍ଷେ ଜିଲା ପ୍ରଶାସନ ପୋଲିସ ସୁରକ୍ଷା ବଳୟ ମଧ୍ୟରେ ପ୍ରକଳ୍ପ କାର୍ଯ୍ୟ ଆଗେଇ ନେଉଛି। ଖରସ୍ରୋତା ନଦୀର ତଳମୁଣ୍ଡରେ ବ୍ୟାରେଜ ନିର୍ମାଣ କରି ପାଣି ଭଦ୍ରକକୁ ନେବାକୁ ସଂଗ୍ରାମ ସମିତି ଦାବି କରୁଥିବା ବେଳେ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। ଯାହାକୁ ନେଇ ବିବାଦ ବଢ଼ିବାରେ ଲାଗିଛି। ସୂଚନାଯୋଗ୍ୟ, ଭଦ୍ରକ ଜିଲାର ୯୧ ପଞ୍ଚାୟତ, ୩ ସହରାଞ୍ଚଳ ପାଇଁ ପାନୀୟ ଜଳ ଯୋଗାଇ ଦେବା ଲକ୍ଷ୍ୟରେ ରାଜ୍ୟ ସରକାର ଖରସ୍ରୋତା ନଦୀରେ ୮୯୨ କୋଟି ଟଙ୍କା ବ୍ୟୟ କରି ମେଗା ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିଛନ୍ତି। ଏହି ପ୍ରକଳ୍ପ କାର୍ଯ୍ୟ ଆରମ୍ଭରୁ ବିରୋଧ ହେଉଛି। ପ୍ରକଳ୍ପ ଲାଗି ପ୍ରଶାସନ ସ୍ଥାନୀୟ ବାସିନ୍ଦାଙ୍କ ସହ ଜନଶୁଣାଣି କରିନାହିଁ। ପ୍ରଶାସନ ଜୋର ଜବରଦସ୍ତ ପୋଲିସ ଲଗାଇ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ କରିବାରୁ ଏହାକୁ ବିରୋଧ କରି ୨୪ ଜଣ ଆନ୍ଦୋଳନକାରୀ ଗିରଫ ହୋଇ ଜେଲରେ ଅଛନ୍ତି। ଏହାର ପ୍ରତିବାଦରେ ସ୍ୱାଧୀନତା ଦିବସଠାରୁ ସଂଗ୍ରାମ ସମିତି ଗଣଧାରଣା ଜାରି ରଖିଛି। ସମିତିର ସଭାପତି ଦୁର୍ଯ୍ୟୋଧନ ମହାନ୍ତି, ସମ୍ପାଦକ ବିଧାନ ଦାସ, କାଳି ଶଙ୍କର ନାୟକ, ସବିତା ବରଜ, ଶରତ ରାଉତଙ୍କ ସମେତ ସମସ୍ତ ସଦସ୍ୟ ଧାରଣା ଅବ୍ୟାହତ ରଖିଛନ୍ତି। ଏହି ଧାରଣାକୁ ସମର୍ଥନ କରି କଂଗ୍ରେସ, ଭାଜପା ରାଜରାସ୍ତାକୁ ଓହ୍ଲାଇଛି। ଅପରପକ୍ଷରେ ଜିଲା ପ୍ରଶାସନ ପକ୍ଷରୁ ସଂଗ୍ରାମ ସମିତି ସହ ହୋଇଥିବା ଆଲୋଚନା ବିଫଳ ହେବା ପରେ ଏହାକୁ ଆହୁରି ତୀବ୍ର କରାଯିବ ବୋଲି କୁହାଯାଇଛି।

# ବସୁଧା ଯୋଜନାରେ ସାମିଲ କରିବାକୁ ଦାବି

ଆଳି,୨।୯(ଡି.ଏନ.ଏ.)

**ମଠସାହି ଗ୍ରାମବାସୀ**

ଆଳିବ୍ଲକର ମଠସାହିକୁ ବସୁଧା ଯୋଜନାରେ ପାନୀୟ ଜଳ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ପ୍ରଶାସନ ସବୁ ଜାଣି ଚୁପ୍ ହୋଇ ରହିଛି। ଏ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

କଳସପୁର ପଞ୍ଚାୟତ ୧୫ ଓ ୧୬ ନଂ. ୱାର୍ଡରେ ପ୍ରାୟ ୩୦୦ ପରିବାର ବସବାସ କରନ୍ତି। ଏହା ହେଉଛି କଳସପୁର ମଠସାହି ଓ ହରିଜନସାହି। ଏହି ଦୁଇଟି ପଡାଗ୍ରାମର ଲୋକେ ବର୍ଷ ସାରା ଜଳକଷ୍ଟ ଭୋଗୁଛନ୍ତି। ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ସରକାର ବିଭିନ୍ନ ଯୋଜନା କରୁଥିବା ବେଳେ ମଠସାହି, ହରିଜନ ସାହି ପଡାର ଲୋକ ସେଥିରୁ କାହିଁକି ବଞ୍ଚିତ ହେବେ ବୋଲି ସେମାନେ ସରକାରକୁ ପ୍ରଶ୍ନ କରିଛନ୍ତି। ଏହି ପଡାରେ ଥିବା ନଳକୂପ ସାଧାରଣ ଲୋକମାନଙ୍କ ଜଳକଷ୍ଟ ଦୂର ପାଇଁ ପର୍ଯ୍ୟାପ୍ତ ହେଉନାହିଁ। ଆଉ ଯଦି କୌଣସି ଗୋଟିଏ ନଳକୂପ ଅଚଳ ହେଇଗଲା ତେବେ ନଳକୂପ ଠିକ୍ କରାଯିବା ପର୍ଯ୍ୟନ୍ତ ସବୁଦିନ ସକାଳୁ ସକାଳୁ ପାଣି ପାଇଁ ଲୋକଙ୍କ ମଧ୍ୟରେ ବିବାଦ ଦେଖା ଦେଉଛି। ଲୋକେ ଅଧିକ ଜଳକଷ୍ଟ ଗ୍ରୀଷ୍ମ ଋତୁରେ ଭୋଗ କରନ୍ତି। ଲୋକମାନଙ୍କୁ ପାନୀୟ ଜଳ ଯୋଗାଣ ପାଇଁ ସରକାର ବସୁଧା ଯୋଜନା କରିଛନ୍ତି। ପ୍ରତ୍ୟେକ ପଞ୍ଚାୟତରେ ଏହି ଯୋଜନା କାର୍ଯ୍ୟକାରୀ ହେଉଛି। କଳସପୁର ପଞ୍ଚାୟତରେ ମଧ୍ୟ ଏହି ଯୋଜନାରେ ଲୋକମାନେ ପାଣି ପାଉଛନ୍ତି। କିନ୍ତୁ ବସୁଧା ଯୋଜନାରେ ଏହି ପଡା ଦୁଇଟିକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ସେମାନଙ୍କ ଗ୍ରାମକୁ ଏହି ଯୋଜନାରେ ସାମିଲ କରିବାକୁ ପଞ୍ଚାୟତ କର୍ତ୍ତୃପକ୍ଷଙ୍କଠାରୁ ନିରାଶ ହେବା ପରେ ଗ୍ରାମର ଶତାଧିକ ଲୋକ ଦସ୍ତଖତ ଥିବା ଏକ ଅଭିଯୋଗ ପତ୍ର କେନ୍ଦ୍ରାପଡ଼ା ଜିଲାପାଳଙ୍କ କାର୍ଯ୍ୟାଳୟକୁ ପଠାଇ ଥିଲେ। ଏହା ମଧ୍ୟରେ ମାସେ ବିତି ଯାଇଥିଲେ ମଧ୍ୟ ସେମାନଙ୍କର ଆବେଦନ ପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇନାହିଁ। ତେଣୁ ଗ୍ରାମର ସାମାଜିକ କର୍ମୀ ନିରଞ୍ଜନ ରାଉତ, ପୀତାମ୍ବର ରାଉତ, ତ୍ରିଲୋଚନ ପରିଡ଼ା, ଶ୍ରୀଧର ପରିଡା, ଗଣେଶ ରାଉତ, ପ୍ରମୋଦ ବଳ, ସମର ରାଉତ, ସୁଜାତା ସାହୁ ଓ ଗ୍ରାମବାସୀ ସେମାନଙ୍କୁ ତୁରନ୍ତ ବସୁଧା ଯୋଜନାରେ ସାମିଲ କରାଯାଇ ପାନୀୟ ଜଳ ଯୋଗାଇ ଦେବାକୁ ଦାବି କରିଛନ୍ତି। ଏ ସମ୍ପର୍କରେ କଳସପୁର ସରପଞ୍ଚ ସନ୍ଧ୍ୟାରାଣୀ ନାୟକଙ୍କୁ ପଚାରିବାରୁ ପଞ୍ଚାୟତର ଅନ୍ୟ ଗ୍ରାମକୁ ଜଳଯୋଗାଣ ବେଳେ ଏହି ଦୁଇ ପଡାକୁ ଜଳ ଉଠି ପାରି ନ ଥିଲା। ନିକଟରେ ବୈଷୟିକ ସହାୟତା ନିଆ ସରିଛି। ଖୁବ୍‌ଶୀଘ୍ର ସେମାନଙ୍କୁ ଜଳ ଯୋଗାଇ ଦେବାର ବ୍ୟବସ୍ଥା କରାଯିବ।


ମଠସାହିର ଲୋକମାନେ ପାନୀୟ ଜଳ ଯୋଗାଣ ଦାବିରେ ଏକଜୁଟ ହୋଇଛନ୍ତି।

# କୁଶୁନୁପୁର ପ୍ରାଥମିକ ବିଦ୍ୟାଳୟ ଗୃହ ଜରାଜୀର୍ଣ୍ଣ

ପଟ୍ଟାମୁଣ୍ଡାଇ, ୨।୯(ସ୍ୱ.ପ୍ର.)

ପଟ୍ଟାମୁଣ୍ଡାଇ କେନ୍ଦ୍ର ଓ ରାଜ୍ୟ ସରକାର ଗୁଣାତ୍ମକ ଶିକ୍ଷାର ବିକାଶ ପାଇଁ ଅନେକ ପଦକ୍ଷେପ ଗ୍ରହଣ କରୁଛନ୍ତି। ହେଲେ ପ୍ରଶାସନିକ ଅଧିକାରୀଙ୍କ ନିଷ୍କ୍ରିୟତା ଯୋଗୁ ଏହାର ସୁଫଳ ମିଳିପାରୁନାହିଁ। ସ୍କୁଲର ଭିତ୍ତିଭୂମିର ବିକାଶ ପାଇଁ ସର୍ବଶିକ୍ଷା ଅଭିଯାନ ଯୋଜନାରେ ମଧ୍ୟ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। ଏସବୁ ସତ୍ତ୍ୱେ ସ୍କୁଲଗୁଡିକର ଆଶାନୁରୂପ ଭିତ୍ତିଭୂମିର ବିକାଶ ସମ୍ଭବ ହୋଇପାରୁନାହିଁ। ପଟ୍ଟାମୁଣ୍ଡାଇ ବ୍ଲକ ସାନଜରିଆ ପଞ୍ଚାୟତ କୁଶୁନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ଦୀର୍ଘଦିନ ହେବ ଆବଶ୍ୟକ ମରାମତି ଓ ରକ୍ଷଣାବେକ୍ଷଣ ଅଭାବରୁ ଅତ୍ୟନ୍ତ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। ବିପଦଜନକ ଅବସ୍ଥାରେ ଶ୍ରେଣୀ ଗୃହରେ ଛାତ୍ରୀଛାତ୍ର ପାଠ ପଢିବାକୁ ବାଧ୍ୟ ହେଉଛନ୍ତି। ବିଦ୍ୟାଳୟରେ ପ୍ରଥମରୁ ୫ମ ଶ୍ରେଣୀ ପାଇଁ ଶିକ୍ଷାଦାନର ବ୍ୟବସ୍ଥା ରହିଛି। ଚଳିତବର୍ଷ ବିଦ୍ୟାଳୟରେ ୪୫ରୁ ଊର୍ଦ୍ଧ୍ୱ ପିଲା ଅଧ୍ୟୟନ କରୁଛନ୍ତି। ହେଲେ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପିଲାଙ୍କୁ ପାଳି କରି ବାହାରେ ତ କେତେବେଳେ ବାରଣ୍ଡା ଓ କୋଠରୀରେ ବସାଇ ପଢାଯାଉଛି। ଫଳରେ ଗୋଟିଏ ବିଷୟକୁ ବାରମ୍ବାର ପାଠ ପଢାଇବାକୁ ପଡୁଛି ବୋଲି କହିଛନ୍ତି ଶିକ୍ଷକ।


ଜଣାଜୀର୍ଣ୍ଣ ଅବସ୍ଥାରେ ଥିବା କୁଶୁନୁପୁର ପ୍ରାଥମିକ ବିଦ୍ୟାଳୟର ଶ୍ରେଣୀଗୃହ।

**ଛାତ୍ର, ଅଭିଭାବକ ମହଲରେ ଉଦ୍‌ବେଗ**

ଅନ୍ୟପକ୍ଷେ ବିଦ୍ୟାଳୟରେ କେବଳ ଶ୍ରେଣୀଗୃହ ସହ ପାନୀୟଜଳ ପାଇଁ ଟିଉବଲ କି ପାଇଖାନା ନା ମଧ୍ୟାହ୍ନଭୋଜନ ରୋଷେଇ ପାଇଁ ଗୃହ ମଧ୍ୟ ନାହିଁ। ଗୋଟିଏ ପଟେ ରାଜ୍ୟ ସରକାର ପରିମଳ ବ୍ୟବସ୍ଥାକୁ ଗୁରୁତ୍ୱ ଦେଉଥିବା ସ୍ଥଳେ କୁଶୁନୁପୁର ସରକାରୀ ବିଦ୍ୟାଳୟରେ ଶୌଚାଳୟ ନ ଥିବା ଖବର ଅତି ଦୁର୍ଭାଗ୍ୟଜନକ। ସମସ୍ତ ବିଦ୍ୟାଳୟରେ ପାଇଖାନା ତଥା ପାନୀୟ ଜଳ ଉପଲବ୍ଧ କରାଇବାକୁ ସରକାରୀ ନିର୍ଦ୍ଦେଶ ଥିଲେ ମଧ୍ୟ ଏଭଳି ଦୟନୀୟ ଅବସ୍ଥାରେ ପଡି ରହିଛି କୁଶୁନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ। ଏ ନେଇ ଛାତ୍ର ଅଭିଭାବକ ମହଲରେ ଗଭୀର ଉଦ୍‌ବେଗ ପ୍ରକାଶ ପାଇଛି। କୁଶୁନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟର ୨ଟି କୋଠରୀ ବିଶିଷ୍ଟ କୋଠାଘର ଏକ ପ୍ରକାର ଠିକ୍ ଥିବା ବେଳେ ଏକ ବୃହତ ଆଜବେଷ୍ଟସ ହଲ ଜୀର୍ଣ୍ଣଶୀର୍ଣ୍ଣ ହୋଇପଡିଛି। ମାତ୍ର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ସମ୍ପୃକ୍ତ ଶ୍ରେଣୀଗୃହଗୁଡିକୁ ଅଦ୍ୟାବଧି ଅସୁରକ୍ଷିତ ଘୋଷଣା କରିନାହାନ୍ତି। ଏ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କୁଶୁନୁପୁର ସରକାରୀ ପ୍ରାଥମିକ ବିଦ୍ୟାଳୟ ବିପଦଜନକ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡିକ ଛାତ୍ରୀଛାତ୍ରମାନଙ୍କ ଜୀବନ ପ୍ରତି ବିପଦ ଥିବାରୁ ଅବିଳମ୍ବେ ଅସୁରକ୍ଷିତ ଘୋଷଣା କରାଯିବା ସହିତ ଭାଙ୍ଗି ଦେବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ରାଜ୍ୟ ସରକାର ତଥା ଜିଲା ପ୍ରଶାସନ ପରିସ୍ଥିତିର ଗମ୍ଭୀରତାକୁ ଉପଲବ୍ଧି କରି ବିପଦଜନକ ଅବସ୍ଥାରେ ଥିବା ଶ୍ରେଣୀଗୃହଗୁଡିକୁ ଅସୁରକ୍ଷିତ ଘୋଷଣା କରିବା ସହ ପାନୀୟଜଳ, ପାଇଖାନା ଓ ନୂତନ ଗୃହ ନିର୍ମାଣ ଦିଗରେ ପଦକ୍ଷେପ ନେବାକୁ ମଦନ ମୋହନ ଦାସ, ବିଦ୍ୟାଧର କବି, ମହେଶ୍ୱର ନାୟକ, ବଲ୍ଲବ ଚରଣ ବାରିକ, ହରେକୃଷ୍ଣ ରାଉତ, ମଦନ କୁମାର ଦାସ, କିରଣ ଦାସ, ଟିଟନ ଦାସ, ସୌରଭ ସାମଲ, ପ୍ରଦୀପ ନାୟକ ପ୍ରମୁଖ ଦାବି କରିଛନ୍ତି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୩ ସେପ୍ଟେମ୍ବର, ୨୦୨୧



## ସଂକ୍ଷେପରେ

### ରେଡକ୍ରସ ସହାୟତାରେ ନିଖୋଜ ଯୁବକ ଉଦ୍ଧାର

**ପାଣିକୋଇଲି,୨।୯(ଡି.ଏନ.ଏ.):** ଗତ ଜୁଲାଇ ମାସରୁ ଜଗତସିଂହପୁର ଜିଲା ବାଲିକୁଦା ଥାନା ଅଞ୍ଚଳରୁ ନିଖୋଜ ଥିବା ଜଣେ ଆଂଶିକ ମାନସିକ ବିକାରଗ୍ରସ୍ତ ଯୁବକଙ୍କୁ ବୁଧବାର ରେଡକ୍ରସ ସହାୟତାରେ ଉଦ୍ଧାର କରାଯାଇଛି। ପାଣିକୋଇଲି ଥାନା ଅନ୍ତର୍ଗତ ରାଜପଥ ଟୋଲଗେଟ ନିକଟରେ ଥିବା ଏକ ହୋଟେଲ କଡ଼ରେ ବସି ସେ କାନ୍ଦୁଥିଲେ । ସ୍ଥାନୀୟ କେତେଜଣ ଯୁବକ ରେଡ଼କ୍ରସ ଓଡ଼ିଶା ରାଜ୍ୟ ଶାଖାର ସଦସ୍ୟ ତଥା 'ଆମେ ବିପଦରେ ସାଥି'ର ଉପଦେଷ୍ଟା ତାରିଣୀ କୁମାର ପଟ୍ଟନାୟକଙ୍କୁ ଖବର ଦେଇଥିଲେ। ଯୁବକ ଜଣକ କେବଳ ନିଜ ନାମ ସୁକାନ୍ତ ମଳିକ, ପିତାଙ୍କ ନାମ ଓ ଜିଲା ନାମ ଛଡ଼ା ଆଉ କିଛି କହିପାରୁ ନ ଥିଲେ। ଜଗତସିଂହପୁର ଜିଲାର ସାମାଜିକ କର୍ମୀ ଗୌରହରି ନନ୍ଦଙ୍କୁ ସୁକାନ୍ତଙ୍କ ନାମ, ଫଟୋ ପଠାଇ ତାଙ୍କ ଠିକଣା ଖୋଜିବାକୁ ଅନୁରୋଧ କରାଯାଇଥିଲା। ପରେ ସୁକାନ୍ତଙ୍କ ଘର ବାଲିକୁଦା ଥାନା ଅଞ୍ଚଳରେ ବୋଲି ଜଣାପଡିଥିଲା। ସାମାଜିକ କର୍ମୀ ସରୋଜ କୁମାର ସେଠୀ ସୁକାନ୍ତଙ୍କ ଘରକୁ ଯାଇ ଭିଡିଓ କଲିଂ ଦ୍ୱାରା ମିଳାମିଶା କରାଇଥିଲେ। ଯାଜପୁର ରୋଡ ଏସ୍‌ଡିପିଓ ଚିନ୍ମୟ କୁମାର ନାୟକଙ୍କୁ ଏ ସଂକ୍ରାନ୍ତରେ ଅବଗତ କରିବା ପରେ ତାଙ୍କର ପରାମର୍ଶକ୍ରମେ ସୁକାନ୍ତଙ୍କୁ ପାଣିକୋଇଲି ପୋଲିସକୁ ହସ୍ତାନ୍ତର କରାଯାଇଥିଲା। ପାଣିକୋଇଲି ଥାନାଧିକାରୀ ସୁଶୀଲ କୁମାର ନାୟକ ଆମେ ବିପଦରେ ସାଥିର ସଦସ୍ୟ ଅଶୋକ ବେହେରା, ତପନ କୁମାର ମହାନ୍ତି, ଶିବ ପ୍ରସାଦ ବେହେରାଙ୍କ ଉପସ୍ଥିତରେ ସୁକାନ୍ତଙ୍କୁ ତାଙ୍କର ପରିବାର ସଦସ୍ୟଙ୍କୁ ହସ୍ତାନ୍ତର କରିଥିଲେ।

### କଳାପଥର ଖାଦାନରେ ଚଢ଼ାଉ କମ୍ପ୍ରେସର, ୫ ଗାଡ଼ି ଜବତ, ଜଣେ ଅଟକ

**ଚଢେଇଧରା/ଧର୍ମଶାଳା,୨।୯(ଡି.ଏନ.ଏ.):** ଧର୍ମଶାଳା ତହସିଲ ଅଧୀନ ରାହାଡ଼ପୁର କଳାପଥର ପାହାଡ଼ରେ ବେଆଇନ ଭାବେ ଚାଲିଥିବା କଳାପଥର ଖାଦାନ ଉପରେ ଗୁରୁବାର ତହସିଲ ସ୍କ୍ୱାଡ୍ ପକ୍ଷରୁ ଚଢ଼ାଉ କରାଯାଇ ଗୋଟିଏ କମ୍ପ୍ରେସର ଓ ୫ଟି କଳାପଥର ବୋଝେଇ ଟ୍ରକ ଜବତ କରାଯାଇଛି। ଏଥିସହିତ ଜଣେ ବ୍ୟକ୍ତିଙ୍କୁ ଅଟକ ରଖାଯାଇଛି। ସୂଚନା ମୁତାବକ, ଦୀର୍ଘ ଦିନ ହେଲା ମାଫିଆମାନେ ଲିଜ ଦିଆଯାଇ ନ ଥିବା ରାହାଡ଼ପୁର କଳାପଥର ଖାଦାନରୁ କଳାପଥର ଉତ୍ତୋଳନ କରି ଅନ୍ୟତ୍ର ଚାଲାଣ କରୁଛନ୍ତି। ଖବର ପାଇ ତହସିଲଦାର ସ୍ୱାଗତ ଦାସଙ୍କ ନେତୃତ୍ୱରେ ଅତିରିକ୍ତ ତହସିଲଦାର ଦେବୀପ୍ରସନ୍ନ ମହାନ୍ତି ଓ ସମ୍ପୃକ୍ତ ଅଞ୍ଚଳର ଆରଆଇଙ୍କ ସମେତ ପୋଲିସ ଫୋର୍ସ ସେଠାରେ ଚଢ଼ାଉ କରିଥିଲେ। ଏହିସମୟରେ ମାଫିଆମାନେ ଖସି ପଳାଇବାରେ ସକ୍ଷମ ହୋଇଥିଲେ। ଜବତ ଗାଡି ଗୁଡ଼ିକୁ ଚଢେଇଧରା ପୋଲିସ ବିଟ ହାଉସରେ ରଖାଯାଇଛି। ବେଆଇନ ଭାବେ ଖାଦାନ ଚଳାଉଥିବା ସ୍ଥାନୀୟ ତୋଟାସିଂ ଗ୍ରାମର ଅଭିମନ୍ୟୁ ସାହୁ ଓ ବାଟିଯୋଡ଼ା ଗ୍ରାମର ବଳଦେବ ରାଉତଙ୍କ ନାମରେ ଜେନାପୁର ଥାନାରେ ଅଭିଯୋଗ କରାଯାଇଥିବା ତହସିଲଦାର ଦାସ ସୂଚନା ଦେଇଛନ୍ତି।

### ମୋବାଇଲ ଦୋକାନରୁ ଚୋରି

**ଯାଜପୁର ଅଫିସ,୨।୯:** ଯାଜପୁର ଜିଲାର ଜେନାପୁର ଥାନା ଅନ୍ତର୍ଗତ ଚଢ଼େଇଧରା ଚଉଛକରେ ବୁଧବାର ବିଳମ୍ବିତ ରାତିରେ ଲିପୁନ ମୋବାଇଲ ଦୋକାନରୁ ଚୋରି ହୋଇଥିବା ଅଭିଯୋଗ ହୋଇଛି। ଦୋକାନରୁ ୫୦ ହଜାର ଟଙ୍କାରୁ ଉର୍ଦ୍ଧ୍ୱ ମୂଲ୍ୟର ଇନ୍‌ଭେଟର, କମ୍ପ୍ୟୁଟର ସିଷ୍ଟମ ଓ ମୋବାଇଲ ଆଦି ସାମଗ୍ରୀ ଚୋରି ହୋଇଥିବା ଥାନାରେ ଅଭିଯୋଗ କରାଯାଇଛି।

# ଲୁଟ୍ ଅପେକ୍ଷାରେ ୬ କଳାପଥର ଖାଦାନ

**ଯାଜପୁର ଅଫିସ,୨।୯**


ରାହାଡ଼ପୁର କଳାପଥର ଖାଦାନ ।

- ପରିବେଶ ମଞ୍ଜୁରୀ ପାଇଁ ଯୋଜନା ପ୍ରସ୍ତୁତ
- ଜନଶୁଣାଣି କରିବାକୁ ସଜବାଜ

ଲଘୁ ଖଣିଜ ସମ୍ପଦରେ ଭରପୁର ଯାଜପୁର ଜିଲା ଧର୍ମଶାଳା ତହସିଲ ଅଧୀନରେ ୫ ହେକ୍ଟରରୁ ଉର୍ଦ୍ଧ୍ୱ ୬ କଳାପଥର ଖାଦାନ ଓ ଗୋଟିଏ ବାଲୁକା ଖାଦାନରୁ ଉତ୍ପାଦନ ପାଇଁ ଜନଶୁଣାଣି ଅପେକ୍ଷାରେ ରହିଛି। ଏଥିପାଇଁ ପରିବେଶ ସଂଘାତ ଆକଳନ ଓ ପରିଚାଳନା ଯୋଜନାର ନିର୍ବାହୀ ସାରାଂଶ ପ୍ରସ୍ତୁତ ହୋଇ ସାରିଛି। ତେବେ ଜିଲା ପ୍ରଶାସନ ପକ୍ଷରୁ ସମୟ, ତାରିଖ, ସ୍ଥାନ ଇତ୍ୟାଦି ନିର୍ଦ୍ଧାରଣ ହୋଇ ନ ଥିବାରୁ ଆଶାୟୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଆଗକୁ ପଞ୍ଚାୟତ ନିର୍ବାଚନ ଆସୁଥିବାରୁ ଏଥିପାଇଁ ପ୍ରଶାସନିକ ଅଧିକାରୀଙ୍କୁ ବିଭିନ୍ନସ୍ତରରେ ଚାପ ସୃଷ୍ଟି କରାଯାଉଥିବା ଚର୍ଚ୍ଚାର ବିଷୟ ହେଉଛି।

୯୦.୫୬୨ ଏକର (୩୬.୬୫ ହେକ୍ଟର) ପରିମିତ ବିଛାଖଣ୍ଡି ପାହାଡ଼ରେ ପ୍ରଚୁର ପରିମାଣରେ ମୂଲ୍ୟବାନ କଳାପଥର ଗଚ୍ଛିତ ରହିଛି। ତେବେ ବିଗତ ଦିନରେ ଏହି ପାହାଡ଼ରୁ କଳାପଥର ଲୁଟ୍ ଏକ ନିତିଦିନିଆ ଘଟଣା ହୋଇଥିଲା। ତେବେ ଗଣମାଧ୍ୟମରେ ନିୟମିତ ଖବର ପ୍ରକାଶ ପାଇବା ପରେ ଜିଲା ପ୍ରଶାସନ ପକ୍ଷରୁ ବିଛାଖଣ୍ଡି ପାହାଡ଼ରେ ଚୋରି ରୋକିବାକୁ ଉଦ୍ୟମ ହୋଇଥିଲା। ଏପରି କି ୧୪୪ ଧାରା ମଧ୍ୟ ଜାରି କରାଯାଇଥିଲା। ବର୍ତ୍ତମାନ ଖାଦାନ ବନ୍ଦ ରହିଥିଲେ ହେଁ କାଁଭାଁ ଚୋରି ହେଉଥିବା ଅଭିଯୋଗ ହେଉଛି। ଏହିକ୍ରମରେ ବିଛାଖଣ୍ଡି ପାହାଡ଼ରେ ୫ଟି ଖାଦାନରୁ କଳାପଥର ଉତ୍ତୋଳନ ପାଇଁ ଲିଜ୍ ଦେବାକୁ ତହସିଲ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଚାଲିଛି। କ୍ଲଷ୍ଟର-୪(କ)ରେ ୮.୦୮ ହେକ୍ଟର, କ୍ଲଷ୍ଟର-୪(ଖ)ରେ ୧୦.୫୨ ହେକ୍ଟର, କ୍ଲଷ୍ଟର-୪(ଗ)ରେ ୬.୭୦ ହେକ୍ଟର, କ୍ଲଷ୍ଟର-୪(ଘ)ରେ ୬.୨୯ ହେକ୍ଟର ଏବଂ କ୍ଲଷ୍ଟର-୪(ଙ)ରେ ୫.୦୬ ହେକ୍ଟର ପରିମିତ ଅଞ୍ଚଳରୁ ପଥର ଉତ୍ତୋଳନ କରାଯିବ। ଏଥିପାଇଁ କଲ୍ୟାଣୀ ଲାବୋରୋଟୋରିଜ ପ୍ରାଇଭେଟ ଲିଃ ପକ୍ଷରୁ ଏକ ସନ୍ଦର୍ଭ ପ୍ରସ୍ତୁତ ହୋଇଛି। ଏଥିରେ ମହଜୁଦ ୬୭୪୯୧୯୬ ଘନମିଟର କଳାପଥରରୁ ୧୦ ବର୍ଷ ମଧ୍ୟରେ ୪୭୫୦୦୦ ଘନମିଟର ଉତ୍ତୋଳନ ହେବ। ପ୍ରସ୍ତାବିତ ଖଣି ଖନନ ଯୋଗୁ ଭୂମି ଅବକ୍ଷୟ, ଭାସମାନ ଧୂଳିକଣା, ମୃତ୍ତିକା କ୍ଷୟ ପ୍ରଦୂଷଣର କାରଣ ହେବ ବୋଲି ଉଲ୍ଲେଖ ରହିଛି। ଏହାବାଦ୍ ଖଣି ଚାରିପଟେ ବାୟୁ ଓ ଭୂମି ପରିବେଶ ଉପରେ କୁପ୍ରଭାବ ପଡିବ, ଯାହାକି ପରେ ମାନବୀୟ, ସାମାଜିକ ତଥା ଅର୍ଥନୈତିକ ଲାଭଜନକ ଯୋଜନା ଦ୍ୱାରା କ୍ଷଣ ଭରଣା ହୋଇ ପାରିବ ବୋଲି ମଧ୍ୟ ଦର୍ଶାଯାଇଛି। ପ୍ରସ୍ତାବିତ ପଥର ଖଣିରେ ୩୨୫ ଜଣ ଲୋକଙ୍କ ପାଇଁ ନିଯୁକ୍ତିର ସୁଯୋଗ ରହିବ। ତେବେ ପଥର ଉତ୍ତୋଳନ ହେବା ସମୟରେ ଆଇନ ଅନୁସାରେ ନିୟମିତ ଭାବେ ତଦନ୍ତ ହେଉ ନ ଥିବାରୁ ଆରୁହା ଭଳି ଅତ୍ୟଧିକ ପଥର ଚୋରି ହେବାର ଆଶଙ୍କା ରହିଛି ବୋଲି ମତପ୍ରକାଶ ପାଇଛି।

ଅନୁରୂପ ଭାବେ ରାହାଡ଼ପୁର ପାହାଡ଼ କ୍ଲଷ୍ଟର-୭ ରୁ ୪୨.୪୦ ହେକ୍ଟର ପରିମିତ ଅଞ୍ଚଳରୁ ପଥର ଉତ୍ତୋଳନ କରିବାକୁ ପ୍ରସ୍ତୁତି କରାଯାଇଛି। ଏହି ଖାଦାନରେ ୧,୧୪,୬୫,୯୩୩ ଘନମିଟର ଖନନ ଯୋଗ୍ୟ ଭଣ୍ଡାର ରହିଥିବାବେଳେ ୧୦ ବର୍ଷରେ ୧,୧୦,୦୦,୦୦୦ ଘନମିଟର ପଥର ଉତ୍ତୋଳନ କରିବାକୁ ଧାର୍ଯ୍ୟ ହୋଇଛି। ଏଥିରେ ମଧ୍ୟ ୭୩୩ ଜଣ ଶ୍ରମିକଙ୍କୁ ନିୟୋଜିତ କରାଯିବ ବୋଲି ଦର୍ଶାଯାଇଛି। ତେବେ ବାସ୍ତବରେ ଉପରୋକ୍ତ ତଥ୍ୟ କେତେଦୂର କାର୍ଯ୍ୟକାରୀ କରାଯାଉଛି ଏବଂ ନିର୍ଦ୍ଧାରିତ ପରିମାଣ ଉତ୍ତୋଳନକୁ ପ୍ରଶାସନ ଜଗୁଛି କି ନାହିଁ ତାହା ସମୟ ହିଁ କହିବ ବୋଲି ମତପ୍ରକାଶ ପାଇଛି। ପୂର୍ବରୁ ଡଙ୍କାରୀ ଓ ଆରୁହା ପାହାଡ଼ରୁ ଲୁଟ କଳାପଥର ଅଭିଯୋଗ ମାମଲା ଦବି ଯାଇଛି। ଡଙ୍କାରୀ ରାଜସ୍ୱ ନୀରିକ୍ଷକ(ଆରଆଇ)ଙ୍କ ତଦନ୍ତ ରିପୋର୍ଟ ଆଧାରରେ ଧର୍ମଶାଳା ତହସିଲଦାରଙ୍କ ମାମଲା ରୁଜୁ ମଧ୍ୟ ଏଠାରେ କାର୍ଯ୍ୟକାରୀ ହୋଇପାରିନାହିଁ। ଆରୁହା ପାହାଡ଼ରୁ ନିର୍ଦ୍ଧାରିତ ଲିଜ୍ ଏରିଆଠାରୁ ବହୁ ଗୁଣରେ ଅଧିକ ମୂଲ୍ୟବାନ କଳାପଥର ବେଆଇନ ଭାବେ ଉତ୍ତୋଳନ ହୋଇଛି। ଏଥିପାଇଁ ରାଜ୍ୟ ସରକାର ୧୦୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ରାଜସ୍ୱ ହରାଇଛନ୍ତି। ଏହିମର୍ମରେ ଓଡ଼ିଶା ଲୋକାୟୁକ୍ତରେ ୧୩୫୫/୨୦୨୦ରେ ଏକ ମାମଲା ବିଚାରାଧୀନ ରହିଛି। ତେଣୁ ଏଠାରେ ଧାର୍ଯ୍ୟ ଚୁକ୍ତିକୁ ଜଳାଞ୍ଜଳି ଦେଇ ବହୁ ଗୁଣରେ ଅଧିକ ଲଘୁ ଖଣିଜ ଦ୍ରବ୍ୟ ଲୁଟ୍ ହେବା ସାଧାରଣ ଘଟଣା ହୋଇଛି।

ଅନ୍ୟପକ୍ଷେ ୫୩ ନମ୍ବର ଜାତୀୟ ରାଜପଥର ଧର୍ମଶାଳା ତହସିଲ ଅନ୍ତର୍ଗତ କବାଟବନ୍ଧ ବ୍ରିଜ ନିକଟରେ ୮.୦୯୩ ହେକ୍ଟର ପରିମିତ ରାଇଚନ୍ଦା ବାଲୁକା ଖଣିରୁ ବାଲି ଉତ୍ତୋଳନ କରିବାକୁ ଯୋଜନା ରହିଛି। ଏଥିପାଇଁ ପରିବେଶଗତ ଅନୁମତି ପାଇଁ ଜନଶୁଣାଣି କରିବାକୁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ହୋଇଛି। ତେବେ ଏହା କାର୍ଯ୍ୟକାରୀ ହୋଇ ନ ଥିଲେ ହେଁ ବେଆଇନ ଭାବେ ସେଠାରୁ ନିୟମିତ ଭାବେ ମେଶିନ ସାହାଯ୍ୟରେ ବାଲି ଉତ୍ତୋଳନ କରାଯାଉଥିବା ଅଭିଯୋଗ ହେଉଛି।

## କ୍ରୋମାଇଟ୍ ଲୋଡିଂ ଦାବିରେ ଆନ୍ଦୋଳନ

**ରସୁଲପୁର,୨।୯(ଡି.ଏନ.ଏ.)**

ଟାଟା ଷ୍ଟିଲ୍ ଆଇଏଜ୍ କମ୍ପାନୀର ସୁକିନ୍ଦା ଖଣିରେ କ୍ରୋମାଇଟ୍ ଲୋଡିଂକୁ ନେଇ ଗୁରୁବାର ବିବାଦ ଦେଖାଦେଇଛି। ଲାଇନରେ ଥିବା ଟ୍ରକ୍‌ଗୁଡ଼ିକୁ ଲୋଡିଂ ପାଇଁ ଅନୁମତି ନ ମିଳିବାରୁ ଚାଳକମାନେ କମ୍ପାନୀ ମୁଖ୍ୟ ଫାଟକ ଆଗରେ ଧାରଣା ଦେଇଥିଲେ। ଏ ସମ୍ପର୍କରେ ଟ୍ରକ୍ ଚାଳକମାନେ କହିଛନ୍ତି, ଅଗଷ୍ଟ ୩୦ରେ ଲୋଡିଂ ପାଇଁ ଟ୍ରକ୍‌ଗୁଡ଼ିକ ପାର୍କିଂକୁ ପଶିଥିଲେ। ହେଲେ ବୁଧବାର ମୋଟର ଚାଳକ ସଂଘ ପ୍ରତିଷ୍ଠା ଦିବସ ଥିବାରୁ ଗାଡ଼ି ଲୋଡିଂ କରି ନ ଥିଲେ। ସେହି ଗାଡ଼ି ଗୁଡ଼ିକୁ ଗୁରୁବାର ଲୋଡିଂ କରାଯିବା କଥା। ଅନ୍ୟପକ୍ଷରେ ବୁଧବାର ସେହି ସିରିୟଲ ଅନୁଯାୟୀ ଆଉ ୨୦୦ ଟ୍ରକ ଭର୍ତ୍ତି କରାଯାଇଥିଲା। କିନ୍ତୁ ବୁଧବାର ପୂର୍ବରୁ ପଶିଥିବା ୧୭୦ ଟ୍ରକ୍‌କୁ ଲୋଡିଂ ଦେବା ବଦଳରେ ବାହାରି ଯିବାକୁ କମ୍ପାନୀ ପକ୍ଷରୁ କୁହାଯାଇଥିଲା। ଲୋଡିଂ ପାଇଁ ପଶିଥିବା ଟ୍ରକ୍‌ଗୁଡ଼ିକ କିପରି ଲୋଡିଂ ପାଇବେ ନାହିଁ ବୋଲି ଚାଳକମାନେ କମ୍ପାନୀ ପ୍ରତିନିଧିଙ୍କୁ ପ୍ରଶ୍ନ କରିଥିଲେ। କିନ୍ତୁ କମ୍ପାନୀ ପ୍ରତିନିଧି କୌଣସି ଉତ୍ତର ଦେଇ ନ ଥିଲେ। ବୁଧବାର ପଶିଥିବା ଟ୍ରକଗୁଡ଼ିକକୁ ହିଁ ଲୋଡିଂ ଦିଆଯିବ ବୋଲି କମ୍ପାନୀ ନିରାପତାରକ୍ଷୀମାନେ କହିଥିଲେ। ଫଳରେ ଏହାକୁ ନେଇ ଟ୍ରକ୍ ଚାଳକ ଓ ନିରାପତାରକ୍ଷୀମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ତେଣୁ ଚାଳକମାନେ କମ୍ପାନୀ ଗେଟ୍ ସମ୍ମୁଖରେ ଧାରଣା ଦେଇଥିଲେ। ପୂର୍ବରୁ ପଶିଥିବା ଟ୍ରକ୍‌ଗୁଡ଼ିକୁ ଲୋଡିଂ ଦିଆଯିବା ପରେ ଅନ୍ୟ ଗାଡ଼ିକୁ ଲୋଡିଂ ଦେବା ପାଇଁ ଚାଳକମାନେ ଦାବି କରିଥିଲେ। କାଳିଆପାଣି ପୋଲିସ ପହଞ୍ଚି ଟ୍ରକ୍ ଚାଳକମାନଙ୍କୁ ବୁଝାସୁଝା କରିଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଏହି ଘଟଣାକୁ ନେଇ ଦିନତମାମ କ୍ରୋମାଇଟ ଲୋଡିଂ ବନ୍ଦ ରହିଥିଲା। ଏସମ୍ପର୍କରେ ପ୍ରତିକ୍ରିୟା ପାଇଁ କମ୍ପାନୀ ପରିବହନ ପରିଚାଳକ ଅନଙ୍ଗ ଉଦୟ ମାହାନ୍ତାଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇ ପାରିନାହିଁ।

## ଜନ୍ମାଷ୍ଟମୀ ଉତ୍ସବ ଉଦ୍‌ଯାପିତ

**ରସୁଲପୁର,୨।୯(ଡି.ଏନ.ଏ.)**

ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ମାଣତୀର ଗ୍ରାମସ୍ଥିତ ମଦନମୋହନ ଜୀଉଙ୍କ ପୀଠରେ ଜନ୍ମାଷ୍ଟମୀ ପାଳିତ ହୋଇଯାଇଛି। ୩ଦିବସ ବ୍ୟାପୀ ଅନୁଷ୍ଠିତ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପର୍ବକୁ କରୋନା କଟକଣା ଅନୁସାରେ ପାଳନ କରାଯାଇଥିଲା। ଆୟୋଜକ ମଦନମୋହନ ଜୀଉ ସାଂସ୍କୃତିକ ପରିଷଦ ପକ୍ଷରୁ କାର୍ଯ୍ୟକ୍ରମକୁ ଶୃଙ୍ଖଳିତ ଭାବେ ପାଳନ କରାଯିବା ଦିଗରେ ବ୍ୟବସ୍ଥା କରାଯାଇଥିଲା। ବ୍ରାହ୍ମଣୀ ନଦୀରୁ ଜଳପୂର୍ଣ୍ଣ କଳସ ଆଣାଯାଇ ଘଟ ସ୍ଥାପନ କରାଯାଇଥିଲା। ମଦନମୋହନ ଜୀଉଙ୍କ ନୀକଟରେ ସ୍ୱତନ୍ତ୍ର ପୂଜାବିଧି ପାଳନ ପୂର୍ବକ ବଡ଼ ସିଂହାର ବେଶରେ ଭୂଷିତ କରାଯାଇଥିଲା। ଆରତି ଉତ୍ସବ ପରେ ପ୍ରଭୁଙ୍କ ଚଳନ୍ତି ବିଗ୍ରହ ଏକ ବିମାନରେ ଗ୍ରାମ ପରିକ୍ରମା କରିଥିଲା। ଶ୍ରୀକୃଷ୍ଣଙ୍କ ମଥୁରାପୁରରୁ ଗୋପପୁରକୁ ଯାତ୍ରା ଓ ବାଟରେ ଉଗ୍ରସେନ ଦର୍ଶନ ଭଳି ପୌରାଣିକ ଗାଥାକୁ ନାଟକୀ ଛଳରେ ପ୍ରଦର୍ଶିତ କରାଯାଇଥିଲା। ପ୍ରଭୁଙ୍କ ଗ୍ରାମ ପରିକ୍ରମା ସମୟରେ ପ୍ରତ୍ୟେକ ଘରର ମହିଳା ରାସ୍ତା ଉପରେ ପୂଜାର୍ଚ୍ଚନା କରି ପୂର୍ବ ମାନସିକ ଅନୁଯାୟୀ ଭୋଗ ଅର୍ପଣ କରିଥିଲେ। ଠାକୁର ଭକ୍ତଙ୍କୁ ବାଲ୍ୟଲୀଳା ବେଶରେ ଦର୍ଶନ ଦେଇଥିଲେ। ନନ୍ଦରାଜା ଗାଁ ପ୍ରରିକ୍ରମା କରି ସାଧାରଣ ଲୋକଙ୍କ ସୁଖଦୁଃଖ ବୁଝିଥିଲେ। କମିଟି ପକ୍ଷରୁ ଲଉଡି ଖେଳ, ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଉତ୍ସବ ସନ୍ଧ୍ୟାରେ ନାନା ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

## ଛାତ୍ରଙ୍କୁ ଆକ୍ରମଣ ଘଟଣା, ଅଭିଯୁକ୍ତଙ୍କ ଗିରଫ ଦାବି


ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଆମ୍ବେଡକର ଲୋହିଆ ବିଚାରମଞ୍ଚର ସଦସ୍ୟମାନେ ।

### ଆନ୍ଦୋଳନ ଚେତାବନୀ ଦେଲା ଆମ୍ବେଡକର ଲୋହିଆ ବିଚାର ମଞ୍ଚ

**ପାଣିକୋଇଲି,୨।୯(ଡି.ଏନ.ଏ.)**

ବିଞ୍ଝାରପୁର ଥାନା ବରୁଣେଇ ହାଇସ୍କୁଲ ୧୦ମ ଶ୍ରେଣୀ ଛାତ୍ର ଗୌରବ ସେଠୀଙ୍କୁ ପ୍ରଧାନଶିକ୍ଷକ ଦେବେନ୍ଦ୍ର ସାମଲ ଡଷ୍ଟରରେ ମାଡ ମାରିବା ଏବଂ ବାଲିଆ କଲେଜରେ ଦଳିତ ଛାତ୍ରଙ୍କୁ ଗୋଡେଇ ପିଟିବା ଘଟଣାରେ ଅଭିଯୁକ୍ତମାନଙ୍କୁ ଗିରଫ ଦାବି କରିଛି ଆମ୍ବେଡ଼କର-ଲୋହିଆ ବିଚାର ମଞ୍ଚ। ଏହି ମର୍ମରେ ମଞ୍ଚ ପକ୍ଷରୁ ରାଜ୍ୟ ନେତା ମନୋରଞ୍ଜନ ଜେନାଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଏସ୍‌ପିଙ୍କୁ ଭେଟି ଦାବି କରାଯାଇଛି । ଏହି ପ୍ରତିନିଧି ମଣ୍ଡଳୀରେ ମନୋଜ ଜେନା, ପଦ୍ମନାଭ ମଲ୍ଲିକ, ପ୍ରକାଶ ଦାସ, ଯଶୋବନ୍ତ ଜେନା, ଗୟାଧର ସେଠୀ, ଦେବପ୍ରସାଦ ଜେନା, ମହମ୍ମଦ ଅବଦୁର, ହେମନ୍ତ ଜେନା, ରମେଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ । ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆସନ୍ତା ୪ ତାରିଖରେ ବିଞ୍ଝାରପୁର ଥାନାକୁ ଘେରାଉ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବରୀ ଥାନାରେ ପାଲଟା ଅଭିଯୋଗ

### କଲେଜ ଛାତ୍ରଙ୍କୁ ରାସ୍ତାରେ ପିଟିବା ଘଟଣା

- ବାଲିଚନ୍ଦ୍ରପୁର ପୋଲିସ ନୀରବ

**ଚଣ୍ଡିଖୋଲ,୨।୯(ଡି.ଏନ.ଏ.)**

ବାଲିଚନ୍ଦ୍ରପୁର ଥାନା ଅଧୀନ ବାଲିକୁଦା ଗ୍ରାମର ଦଳିତ ଛାତ୍ରଙ୍କୁ ତାଙ୍କର କେତେଜଣ ସହପାଠୀ ବିଚ୍‌ରାସ୍ତାରେ ଗୋଡ଼ାଇ ପିଟିବା ଘଟଣାରେ ବାଲିଚନ୍ଦ୍ରପୁର ପୋଲିସ ନିରବଦ୍ରଷ୍ଟା ସାଜିଛି। ଘଟଣାକୁ ନେଇ ଗତ ମାସ ୩୧ରେ ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ ପରେ ପୋଲିସ କେବଳ ନଂ.୨୬୧/୨୧ରେ ମାମଲା ରୁଜୁ କରି ଚୁପ ବସିଛି। ଏଭଳି ଏକ ସ୍ପର୍ଶକାତର ଘଟଣାରେ ପୋଲିସ ନିରବତାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି। ଅନ୍ୟପକ୍ଷରେ ମାଡ଼ ମାରିଥିବା ଜଣେ ଛାତ୍ରଙ୍କ ଅଭିଭାବକ ବରୀ ରାମଚନ୍ଦ୍ରପୁର ଥାନାରେ ପାଲଟା ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି, ବରୀ ଥାନା ଅନ୍ତର୍ଗତ ଏକ ମହାବିଦ୍ୟାଳୟ ଫାଟକ ବାହାରେ ଗଣ୍ଡଗୋଳ ହୋଇଥିଲା। ଏହି ପୁରଣା ଗଣ୍ଡଗୋଳକୁ ନେଇ ଏବେ ସମ୍ପୃକ୍ତ ଛାତ୍ର ପୁଣି ତାଙ୍କ ପୁଅକୁ ମାଡ଼ ମାରିଛନ୍ତି। ଯାହାକୁ ନେଇ ବରୀ ପୋଲିସ ନଂ.୨୯୩/୨୧ରେ ଏକ ମାମଲା ରୁଜୁ କରିଛି।

ସୂଚନା ଥାଉକି, ଜଣେ କଲେଛାତ୍ରଙ୍କୁ ତାଙ୍କ ସହପାଠୀ ଏକ ନିଛାଟିଆ ରାସ୍ତାରେ ଗୋଡାଇ ପିଟିବାର ଭିଡିଓ ସାମାଜିକ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଭିଡିଓରେ ପାଞ୍ଚରୁ ଉର୍ଦ୍ଧ୍ୱ ଛାତ୍ର ଜଣେ ଛାତ୍ରଙ୍କୁ ନିର୍ମମ ପିଟୁଥିବା ବେଳେ ଜଣେ ଏହାର ରେକର୍ଡିଂ କରୁଥିଲେ। ଘଟଣାଟି ମାର୍ଚ୍ଚ ୧୬ରେ ହୋଇଥିଲା। ମାଡ଼ ଖାଇଥିବା ଛାତ୍ରଙ୍କ ବାପା ଏତଲାରେ ଦର୍ଶାଇଥିଲେ କି ସେ ଜଣେ ଦଳିତ ବ୍ୟକ୍ତି ହୋଇଥିବାରୁ ସ୍ଥାନୀୟ କେତେଜଣ ମୁରବି ଓ ପ୍ରଭାବଶାଳୀ ରାଜନୈତିକ ବ୍ୟକ୍ତି ସେସମୟରେ ଘଟଣାର ଆପୋସ ସମାଧାନ କରିଥିଲେ। ମାତ୍ର ଏବେ ସେହିଛାତ୍ରମାନେ ତାଙ୍କ ପୁଅଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେବା ସହିତ ସେହି ୬ ମାସତଳର ଭିଡିଓ ଭାଇରାଲ କରିଛନ୍ତି। ଏହି ଘଟଣାଟି ବାଲିଚନ୍ଦ୍ରପୁର ଥାନା ବରପଦା ପଞ୍ଚାୟତର ସହିଦ ଛକ ନିକଟରେ ଘଟିଥିଲା। ସେଥିପାଇଁ ସମ୍ପୃକ୍ତ ଛାତ୍ରଙ୍କ ବାପା ବାଲିଚନ୍ଦ୍ରପୁର ଥାନାରେ ଅଭିଯୋଗ କରିଥିଲେ।

ମାଡ଼ ଖାଇଥିବା ଛାତ୍ରଙ୍କ ବାପା ଅଭିଯୋଗ କରିବା କରେ ମାଡ଼ ମାରିଥିବା ଛାତ୍ରଙ୍କ ଅଭିଭାବକ ବାଲିଚନ୍ଦ୍ରପୁର ଥାନାରେ ପାଲଟା ଅଭିଯୋଗ କରିବାକୁ ଆସିଥିଲେ। ମାତ୍ର ପୋଲିସ ସେମାନଙ୍କ ଏତଲା ଗ୍ରହଣ କରି ନ ଥିଲା। ଏହାପରେ ସେମାନେ ବରୀ ଥାନାର ଦ୍ୱାରସ୍ଥ ହୋଇଥିବା ଜଣାଯାଇଛି। ବାଲିଚନ୍ଦ୍ରପୁର ପୋଲିସ ପାଖରେ ପ୍ରମାଣ ରହିଥିଲେ ମଧ୍ୟ ଏତଲାର ଚାରିଦିନ ପରେ ବି କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚକୁ ସହଜରେ ଗ୍ରହଣ କରାଯାଉନାହିଁ। ଅଭିଯୁକ୍ତମାନେ ପ୍ରଭାବଶାଳୀ ହୋଇଥିବାରୁ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନଥିବା ଦଳିତ ଛାତ୍ରଙ୍କ ବାପା କହିଛନ୍ତି। ଏନେଇ ଥାନାଧିକାରୀ ବିଜୟନୀ ମଲ୍ଲଙ୍କୁ ପଚାରିବାରୁ ସେ କହିଛନ୍ତି, ଅଭିଯୋଗର ତଦନ୍ତ ଜାରି ରହିଛି। ଖୁବ୍‌ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ପୁଅ, ବୋହୂଙ୍କୁ ଆଜୀବନ କାରାଦଣ୍ଡାଦେଶ

### ମା'ଙ୍କୁ ହତ୍ୟା ମାମଲା

**ଯାଜପୁର ଟାଉନ,୨।୯(ଡି.ଏନ.ଏ.)**

ମା'ଙ୍କୁ ହତ୍ୟା ମାମଲାର ରାୟ ଗୁରୁବାର ପ୍ରକାଶ ପାଇଛି। ଯାଜପୁର ଜିଲା ଦୌରାଜଜ୍ ଶ୍ରୀକାନ୍ତ ମିଶ୍ର ମାମଲାର ବିଚାର କରି ଅଭିଯୁକ୍ତ ପୁଅ ଓ ବୋହୂଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୧ ହଜାର ଟଙ୍କା ଲେଖାଏ ଜରିମାନା କରିଛନ୍ତି। ଜରିମାନା ଅନାଦାୟେ ୧ ମାସ ଅଧିକ କାରାଦଣ୍ଡ ପାଇଁ ରାୟରେ ଉଲ୍ଲେଖ ରହିଛି। ବିବରଣୀରୁ ପ୍ରକାଶ, ୨୦୧୮ ଜୁନ୍ ୧୧ରେ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ଆକୁଳି ସାହି ଗ୍ରାମର ରାଜେନ୍ଦ୍ର ଯେନା ଓ ତାଙ୍କ ସ୍ତ୍ରୀ ମଞ୍ଜୁଲତା ଯେନା ମିଶି ନିଜ ମା' ମେଘି ଦେଈଙ୍କୁ କଟୁରିରେ ହାଣି ହତ୍ୟା କରିଥିଲେ। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ଘଟିଥିଲା। ଘଟଣା ସମୟରେ ମେଘିଙ୍କ ଘର ପାଖରେ କେତେଜଣ ଲୋକ ତାସ ଖେଳୁଥିଲେ। ରାଜେନ୍ଦ୍ର ଓ ମଞ୍ଜୁଲତା ହତ୍ୟା କରିବା ସମୟରେ ଏହିମାନେ ପ୍ରତ୍ୟକ୍ଷଦର୍ଶୀ ଥିଲେ। ମେଘିଙ୍କ ଝିଅ ତାଙ୍କ ମା'ଙ୍କୁ ଭାଇ ଓ ଭାଉଜ ହତ୍ୟା କରିଛନ୍ତି ବୋଲି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ନଂ.୮୨/୧୮ରେ ମାମଲା ରୁଜୁ କରିବା ସହ ମେଘିଙ୍କ ପୁଅ, ବୋହୂଙ୍କୁ ଗିରଫ କରିଥିଲା। ୧୭ ସାକ୍ଷୀଙ୍କ ସାକ୍ଷ୍ୟକୁ ଭିତ୍ତିକରି ଜିଲା ଜଜ୍ ଉପରୋକ୍ତ ରାୟ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ପବ୍ଲିକ୍ ପ୍ରସିକ୍ୟୁଟର ଗଦାଧର ସାହୁ ମକଦ୍ଦମା ପରିଚାଳନା କରୁଥିଲେ।

## କଳସପୁର ବାଲିଘାଟ ବନ୍ଦ ପାଇଁ ଦାବିପତ୍ର

**ଯାଜପୁର ଟାଉନ,୨।୯(ଡି.ଏନ.ଏ.)**

ଯାଜପୁର ତହସିଲ ଅନ୍ତର୍ଗତ ଶ୍ୟାମଦାସପୁର ପଞ୍ଚାୟତର କଳସପୁର ବାଲିଘାଟକୁ ବନ୍ଦ ପାଇଁ ଜିଲାପାଳଙ୍କଠାରେ ଦାବି କରାଯାଇଛି। କଳସପୁର ଓ ମାଧପୁର ଗାଁରାସ୍ତା ଦେଇ ଦିନ ରାତି ହାଇୱା ଯାତାୟାତ କରିବା ଯୋଗୁ ଗ୍ରାମର ପରିବେଶ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲାଣି। ଅଣଓସାରିଆ ନଦୀବନ୍ଧ କଭର କରି ହାଇୱା ଗାଡିଗୁଡିକ ପାଖାପାଖି ୪୦/୪୫ ଟନ ବାଲି ବୋଝେଇ କରି ଯାତାୟାତ କରିବାରୁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବନ୍ୟା ସମୟରେ କଳସପୁର ଓ ମାଧପୁର ଗ୍ରାମର ଲୋକମାନେ ଏହି ନଦୀବନ୍ଧ ଉପରେ ଆଶ୍ରୟ ନେଇଥାନ୍ତି। ଗ୍ରାମ୍ୟ ରାସ୍ତା ହୋଇଥିବାରୁ ସାମାଜିକ କାର୍ଯ୍ୟକ୍ରମ ପାଇଁ ବନ୍ଧ ରାସ୍ତାକୁ ଗାଁ ଲୋକେ ବ୍ୟବହାର କରିଥାନ୍ତି। କିନ୍ତୁ ପାରିପାର୍ଶ୍ୱିକ ଅବସ୍ଥାକୁ ନ ଦେଖି ରାଜସ୍ୱ ଆଦାୟ ନିଶାରେ ଜିଲା ପ୍ରଶାସନ ଲୋକଙ୍କୁ ସମସ୍ୟା ମଧ୍ୟକୁ ଠେଲିଦେଇଛି। ବଡ଼ବଡ଼ ମେଶିନ ପକାଇ ନଦୀଶଯ୍ୟାରୁ ବାଲି ଉଠାଇବା ଦ୍ୱାରା ପଠା ଓ ବନ୍ଧ ପ୍ରତି ବିପଦ ସୃଷ୍ଟି ହୋଇଛି। ବର୍ଷା ଦିନେ ବାଲି ଉତ୍ତୋଳନ ପାଇଁ କଟକଣା ରହିଥିଲେ ମଧ୍ୟ ଲିଜଧାରୀ ସ୍ଥାନୀୟ ରାଜସ୍ୱ କର୍ମଚାରୀଙ୍କୁ ହାତ କରି ଉତ୍ତୋଳନ କରୁଛନ୍ତି। ଗାଡି ଯାତାୟାତ ଯୋଗୁ ଲୋକେ ଶୋଇ ପାରୁନାହାନ୍ତି। ତେଣୁ ତୁରନ୍ତ ବାଲି ଘାଟ ବନ୍ଦ ପାଇଁ ମାଧପୁରର ସରୋଜ କାଣ୍ଡି, ନନ୍ଦ କାଣ୍ଡି, ମୁରଲି କବି, ଭୋଲାନାଥ ଜେନା, କାଶୀନାଥ ବେହେରା, କାଞ୍ଚନ ବେହେରା ପ୍ରମୁଖ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ(ରାଜସ୍ୱ) ଅକ୍ଷୟ କୁମାର ମଲ୍ଲିକଙ୍କୁ ଭେଟି ଦାବିପତ୍ର ଦେଇଛନ୍ତି।

## ଇମ୍ଫା ଖଣି ଆଗରେ ଲୋଡିଂ ଶ୍ରମିକଙ୍କ ଧାରଣା

**କାଳିଆପାଣି,୨।୯(ଡି.ଏନ.ଏ.)**


ଖଣି ଗେଟ୍ ସମ୍ମୁଖରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

କାମ ଯୋଗାଇ ଦେବା ଦାବିରେ ଗୁରୁବାର ଇମ୍ଫା କମ୍ପାନୀ ଖଣି ଆଗରେ ଲୋଡିଂ ଶ୍ରମିକମାନେ ଧାରଣା ଦେଇଛନ୍ତି। ଏସମ୍ପର୍କରେ ଶ୍ରମିକମାନେ କହିଛନ୍ତି, କରୋନା ମହାମାରୀ ଦିନରୁ ଖଣିରେ ଲୋଡିଂ ଶ୍ରମିକଙ୍କୁ କାମ କରିବାକୁ କମ୍ପାନୀ ଅନୁମତି ଦେଉ ନ ଥିଲା। ଏହାର ସମାଧାନ ପାଇଁ ବହୁ ସମୟରେ ବୈଠକ ହୋଇଥିଲେ ମଧ୍ୟ କୌଣସି ନିର୍ଯ୍ୟାସ ବହାରି ପାରୁ ନ ଥିଲା, ଯାହାକୁ ନେଇ କିଛି ଦିନ ପୂର୍ବରୁ ଶ୍ରମିକ ସଂଘ ପ୍ରତିନିଧିମାନେ ଇମ୍ଫା କମ୍ପାନୀ ପରିଚାଳକଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ପରେ ସେପ୍ଟେମ୍ବର ୧ରୁ ସମସ୍ତ ଶ୍ରମିକଙ୍କୁ ପର୍ଯ୍ୟାୟ କ୍ରମେ ୩ ଦିନ ଲେଖାଏ କାର୍ଯ୍ୟ କରିବା ଲାଗି କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ହେଲେ ଶ୍ରମିକମାନେ ଉକ୍ତ ଦିନ କାର୍ଯ୍ୟ କରିବାକୁ ଆସିଥିଲେ ମଧ୍ୟ କମ୍ପାନୀ ପକ୍ଷରୁ ସେମାନଙ୍କୁ ଖଣି ଭିତରକୁ ଛଡ଼ା ଯାଇ ନ ଥିଲା। ତେଣୁ ବାଧହୋଇ ଗୁରୁବାର ଖଣି ଗେଟ ସମ୍ମୁଖରେ ଶ୍ରମିକମାନେ ଧାରଣାରେ ବସିଥିଲେ। ଖବର ପାଇ କାଳିଆପାଣି ପୋଲିସ ପହଞ୍ଚି କମ୍ପାନୀ ପ୍ରତିନିଧିଙ୍କ ସହ ଆଲୋଚନା କରିଥିଲେ। ଆଲୋଚନା ବେଳେ କମ୍ପାନୀ ପକ୍ଷରୁ କୁହାଯାଇଛି, କୋଭିଡ୍ ନିୟମ ଅନୁସାରେ ଅଳ୍ପ ସଂଖ୍ୟକ ଶ୍ରମିକ ଓ କର୍ମଚାରୀଙ୍କୁ ନେଇ କାର୍ଯ୍ୟ କରାଯାଉଛି। ତେଣୁ ଏତେ ସଂଖ୍ୟାରେ ଶ୍ରମିକଙ୍କୁ ନେଇ ଏବେ କାର୍ଯ୍ୟ କରାଯିବା ସମ୍ଭବ ନୁହେଁ। ଏ ସମ୍ପର୍କରେ କମ୍ପାନୀ ଲୋକ ସମ୍ପର୍କ ବିଭାଗ ବରିଷ୍ଠ ପରିଚାଳକ ଜଗନ ମୋହନ ମଲ୍ଲିକ କହିଛନ୍ତି, ଜିଲା ପ୍ରଶାସନ ନିର୍ଦ୍ଦେଶକୁ ପାଳନ କରୁଛୁ। ସମସ୍ତ ଶ୍ରମିକଙ୍କୁ ନେଇ କାର୍ଯ୍ୟ କରିବାକୁ ଆଦେଶ ଆସିଲେ ଆମେ ପାଳନ କରିବୁ।

## ହାଇୱା ତଳେ ଚାପି ହୋଇଗଲେ ଯୁବକ

### ଦେଢ଼ ଘଣ୍ଟା ପରେ ଉଦ୍ଧାର, କଟକ ସ୍ଥାନାନ୍ତର

**ଧର୍ମଶାଳା,୨।୯(ଡି.ଏନ.ଏ.)**



ଯୁବକଙ୍କୁ ଉଦ୍ଧାର ପାଇଁ ହାଇୱା ନିକଟରେ ଲୋକେ ରୁଣ୍ଡ ହୋଇଛନ୍ତି।

ଧର୍ମଶାଳା ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଜାରକା ବିଟ ହାଉସ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ଚିପ୍ସ ବୋଝେଇ ହାଇୱା ଭାରସାମ୍ୟ ହରାଇ ଓଲଟି ପଡ଼ିଥିଲା। ଫଳରେ ସେଠାରେ ଛିଡ଼ା ହୋଇଥିବା ସ୍ଥାନୀୟ ଥାନୁଆଳ ଗ୍ରାମର ସନ୍ତୋଷ ଓଝା (୩୫) ଉକ୍ତ ହାଇୱା ତଳେ ଚାପି ହୋଇ ରହିଥିଲେ। ଦେଢ଼ ଘଣ୍ଟା ପରେ ତାଙ୍କୁ ଉଦ୍ଧାର କରାଯାଇଛି। ମୁଣ୍ଡରେ ଆଘାତ ଲାଗିଥିବାରୁ ତାଙ୍କୁ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସନ୍ତୋଷଙ୍କୁ ଗାଡ଼ି ତଳୁ ଉଦ୍ଧାର କରିବା ଲାଗି ସ୍ଥାନୀୟ ଲୋକେ ଉଦ୍ୟମ କରି ବିଫଳ ହୋଇଥିଲେ। ଚଣ୍ଡିଖୋଲ ଦମକଳ ବାହୀନୀ ପହଞ୍ଚିଥିଲେ ମଧ୍ୟ ତାଙ୍କୁ ଉଦ୍ଧାର କରିବା ସମ୍ଭବପର ହୋଇ ନ ଥିଲା। ଶେଷରେ ୨ଟି ଜେସିବି ମେଶିନ ସହାୟତାରେ ହାଇୱାକୁ ଉଠାଯାଇ ଯୁବକଙ୍କୁ ଉଦ୍ଧାର କରାଯାଇଥିଲା।

## ସଂକ୍ଷେପରେ

### ୨ ପୋଲିସ ଅଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମେଡାଲ

ନୟାଗଡ଼ ଅଫିସ,୨ା୯:ନୟାଗଡ଼ ସଦର ଥାନା ଆଇଆଇସି ଦୀପକ ଖଣ୍ଡାୟତ ରାୟ ଓ ଗଣିଆ ଥାନା ଏଏସ୍ଆଇ ପ୍ରମୋଦ କୁମାର ନନ୍ଦ ପାଇବେ ମୁଖ୍ୟମନ୍ତ୍ରୀ ମେଡାଲ। ତଦନ୍ତ କ୍ଷେତ୍ରରେ ଉତ୍କର୍ଷତା ପାଇଁ ଏହି ପୁରସ୍କାର ମିଳିବ । ଅନ୍ୟପକ୍ଷେ ଏହି ମେଡାଲ ପାଇବାକୁ କ୍ରାଇମବ୍ରାଞ୍ଚ, କ୍ରାଇମବ୍ରାଞ୍ଚର ଏସ୍ଟିଏଫ୍, ଭିଜିଲାନ୍ସ ଓ ପୋଲିସର ୬୪ ଜଣ ମନୋନୀତ ହୋଇଛନ୍ତି ।

### ବନ୍ଧୁକ ସହ ୨୨୦ ଲିଟର ଦେଶୀ ମଦ ଜବତ

ନୟାଗଡ଼ ଅଫିସ,୨ା୯:ନୟାଗଡ଼ ସଦର ଥାନା ପୋଲିସ ଗୁରୁବାର ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଜାମିନ ନାମଞ୍ଜୁର ପରେ ବୋଦାପଡ଼ାର ପୂର୍ଣ୍ଣଚନ୍ଦ୍ର ମହାପାତ୍ର(୪୫)ଙ୍କୁ ନୟାଗଡ଼ ସବ୍ଜେଲକୁ ପଠାଇ ଦିଆଯାଇଛି । ବୁଧବାର ରାତିରେ ପୂର୍ଣ୍ଣଚନ୍ଦ୍ରଙ୍କ ଘରୁ ୨୨୦ ଲିଟର ଦେଶୀ ମଦ ଓ ଏକ ଦେଶୀ ବନ୍ଧୁକ ଜବତ ହୋଇଥିଲା । ଶିକାର ଉଦ୍ଦେଶ୍ୟରେ ପୂର୍ଣ୍ଣ ଘରେ ବନ୍ଧୁକ ରଖିଥିବା ଜଣାପଡିଛି । ପୋଲିସ ଏକ ମାମଲା(ନଂ.୧୩୬/୨୧)ରୁଜୁ କରି ତଦନ୍ତ ଚଳାଇଛି ।

### ପ୍ରଥମ ଛାତ୍ର ସଂସଦ ସଭାପତିଙ୍କ ପରଲୋକ

ନୟାଗଡ଼ ଅଫିସ,୨ା୯:ନୟାଗଡ଼ର ଆଇନଜିବୀ ଦେବାଶିଷ ପଟ୍ଟନାୟକଙ୍କ ବାପା ତଥା ନୟାଗଡ଼ ମହାବିଦ୍ୟାଳୟର ପ୍ରଥମ ଛାତ୍ର ସଂସଦ ସଭାପତି ନେତ୍ରାନନ୍ଦ ପଟ୍ଟନାୟକଙ୍କ ଗୁରୁବାର ପରଲୋକ ହୋଇଯାଇଛି । ତାଙ୍କୁ ୮୫ ବର୍ଷ ହୋଇଥିଲା। କିଡ୍ନୀ ଜନିତ ରୋଗରେ ଆକ୍ରାନ୍ତ ହୋଇ ସେ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଥିଲେ ।

### ସୂଚନା ଅଧିକାର ଆଇନ ପ୍ରଶିକ୍ଷଣ ଶିବିର

ନୟାଗଡ଼ ଅଫିସ,୨ା୯-ସୂଚନା ଅଧିକାର ଅଭିଯାନ ନୟାଗଡ଼ ଶାଖା ତରଫରୁ ଗୁରୁବାର ଏକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରଶିକ୍ଷଣ ଶିବିରରେ ରାଜ୍ୟ ସୂଚନା ଅଧିକାର ଅଭିଯାନ ଆବାହକ ପ୍ରଦୀପ ପ୍ରଧାନ ଏବଂ ବରିଷ୍ଠ ଆଇନଜୀବି ସୁଧୀର ମହାନ୍ତି ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ନୟାଗଡ଼ ଜିଲା ସୂଚନା ଅଧିକାର ଅଭିଯାନ ଆବାହକ ଇଂ. ସୌମ୍ୟରଞ୍ଜନ ପ୍ରଧାନ ।

### ନାବାଳିକାଙ୍କୁ ଅପହରଣ, ବଳାତ୍କାର ଅଭିଯୋଗ ଅଭିଯୁକ୍ତ ଯୁବକ ଗିରଫ

ଜୟପୁର, ୨ା୯ (ନି.ପ୍ର.): ଜୟପୁର ନାବାଳିକାଙ୍କୁ ଅପହରଣ ଓ ବଳାତ୍କାର ମାମଲାରେ ଟାଉନ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ହେଲେ ଖାତିଗୁଡ଼ା ଥାନା ସୁରିପଦର ଗ୍ରାମର ହେମନ୍ତ ନାୟକ। ନାବାଳିକାଙ୍କୁ ଅପହରଣ କରାଯାଇଥିବା ନେଇ ତାଙ୍କ ମା' ଗତ ୨୯ତାରିଖରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ୨୧୦/୨୧ରେ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଅଭିଯୁକ୍ତ ନାବାଳିକାଙ୍କୁ ଅପହରଣକରି ଦାମାପୁଟରେ ତାଙ୍କୁ ରଖି ବଳାତ୍କାର କରିଥିବା ପୋଲିସ ତଦନ୍ତରୁ ଜାଣିପାରିଥିଲା। ପୋଲିସ ନାବାଳିକାଙ୍କୁ ଉଦ୍ଧାର ସହ ଅଭିଯୁକ୍ତଙ୍କୁ ଗିରଫ କରିଛି। ଉଭୟଙ୍କର ଡାକ୍ତରୀ ମାଇନା କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଟାଉନ ଥାନାଧିକାରୀ ସଞ୍ଜୟ କୁମାର ମଣ୍ଡଳ କହିଛନ୍ତି।

### ଚୋରି ମାମଲାରେ ଜଣେ ଗିରଫ

ଜୟପୁର, ୨ା୯ (ନି.ପ୍ର.): ଚୋରି ମାମଲାର ରହସ୍ୟ ଉନ୍ମୋଚନ କରିଛି ଟାଉନ ଥାନା ପୋଲିସ। ଏହି ମାମଲାରେ ପୋଲିସ ଖ୍ରୀଷ୍ଟିଆନ ସାହିର ଇସୁ ହିଆଲଙ୍କୁ ଗିରଫ କରିଛି। ପୋଲିସ ସୂଚନାନୁଯାୟୀ, ପ୍ରସାଦରାଓ ପେଟାର ଜି. ସତ୍ୟନାରାୟଣଙ୍କ ଘର ଛାତ ଉପରେ ଥିବା ପାଇପ, ଲୁହାରଡ୍ ଓ କାଠପଟା ଚୋରି ହୋଇଥିଲା। ଏ ନେଇ ସେ ୨୮ ତାରିଖରେ ଜୟପୁର ଟାଉନ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୋଲିସ ୨୧୨/୨୧ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ଇସୁଙ୍କ ସମ୍ପୃକ୍ତି ଜାଣିପାରି ପୋଲିସ ତାଙ୍କୁ ଗିରଫକରି କୋର୍ଟ ଚାଲାଣ କରିଛି। ତାଙ୍କଠାରୁ ଚୋରି ସାମଗ୍ରୀ ଜବତ କରାଯାଇଛି।

# ଭଲ ରୋଜଗାର ଆଶାରେ ଭ୍ରୂଣହତ୍ୟା

**ନୟାଗଡ଼ ଅଫିସ,୨ା୯**

- ଜିଲା ମୁଣ୍ଡାଉଛି ବଦନାମର ବୋଝ
- ସନ୍ଦେହରେ ଅଲଟ୍ରାସାଉଣ୍ଡ ସେଣ୍ଟର
- ଲୁଚାଛପାରେ ଚାଲିଛି ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ
- ଗାଁ ଗହଳିରେ ଗର୍ଭନଷ୍ଟ କରାଉଛନ୍ତି ଆଶାକର୍ମୀ, ଏଏନଏମ
- ୨ ବର୍ଷ ହେଲା ବସିନାହିଁ ଉପଦେଷ୍ଟା କମିଟି ବୈଠକ

ଅଳ୍ପ ପରିଶ୍ରମରେ ଭଲ ରୋଜଗାର ପାଇଁ ଭ୍ରୂଣ ହତ୍ୟା ଚାଲିଛି । ହାତଗଣତି କେତେଜଣ ଲୋକଙ୍କ ଏପରି କାମ ପାଇଁ ନୟାଗଡ଼ ଜିଲା ବଦନାମ ହେଉଛି । ଏହା ସତ୍ତ୍ୱେ ପିସି ଆଣ୍ଡ ପିଏନ୍ଡିଟି ଆଇନ ଜିଲାରେ ଠିକ ଭାବେ କାମ କରୁ ନାହିଁ । ଏପରି କି ପିସି ଆଣ୍ଡ ପିଏନଡିଟିର ଜିଲା ଉପଦେଷ୍ଟା କମିଟି ବୈଠକ ଗତ ୨ ବର୍ଷ ହେଲା ବସିନାହିଁ। ଫଳରେ ଚଢ଼ାଉ ଓ ଧରପଗଡ଼ ଏକ ପ୍ରକାର ବନ୍ଦ ରହିଛି । ଏହାକୁ ସୁଯୋଗ ବୋଲି ଭାବି ଭ୍ରୂଣହତ୍ୟାରୁ ରୋଜଗାର କରୁଥିବା ବ୍ୟକ୍ତିମାନେ ଅତି ଗୋପନୀୟ ଭାବେ ସେହି କାମ ଚାଲୁ ରଖିଛନ୍ତି ବୋଲି ଅଭିଯୋଗ ହୋଇଛି । ଅନ୍ୟପକ୍ଷେ ଜିଲାର ଏକାଧିକ ଅଲଟ୍ରାସାଉଣ୍ଡ ସେଣ୍ଟରରେ ଗର୍ଭସ୍ଥ ଶିଶୁର ଲୁଚାଛପା ଲିଙ୍ଗ ନିରୂପଣ କରାଯାଉଛି । କେତେଜଣ ଆଶାକର୍ମୀ, ଏଏନଏମ ମଧ୍ୟ ବେଆଇନ ଗର୍ଭପାତ କରାଇ ଭ୍ରୂଣହତ୍ୟା କରୁଛନ୍ତି ବୋଲି ଅନୁରୂପ ଅଭିଯୋଗ ହୋଇଛି । ଜିଲା ପ୍ରଶାସନ ପିସି ଆଣ୍ଡ ପିଏନଡିଟି ଆଇନକୁ କଡାକଡି ନ କଲେ ଭ୍ରୂଣ ହତ୍ୟାକୁ ରୋକାଯାଇ ପାରିବ ନାହିଁ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି ।

ଅଭିଯୋଗ ଅନୁଯାୟୀ, ଗାଁ ଓ ସହରରେ ଗୋପନୀୟ ଭାବେ ବେଆଇନ ଗର୍ଭପାତ ଚାଲିଛି । କେତେଜଣ ଆଶା କର୍ମୀ, ଏଏନ୍ଏମ୍, ହୋମିଓପ୍ୟାଥି ଡାକ୍ତର, ଅବସରପ୍ରାପ୍ତ ଡାକ୍ତର, କ୍ୱାକ୍ ଏହି କାମରେ ନିୟୋଜିତ ହୋଇ ଭଲ ରୋଜଗାର କରୁଛନ୍ତି । ପ୍ରାୟ ୩ବର୍ଷ ତଳେ ଭାଡିକିଳାର ଜଣେ ଆଶାକର୍ମୀ ବେଆଇନ ଗର୍ଭପାତ କରି ଜେଲ ଯାଇଥିଲେ । ଏବେ ମଧ୍ୟ ଭାଡିକିଳାରେ ବେଆଇନ ଗର୍ଭପାତ ହେଉଥିବା ଅଭିଯୋଗ ରହିଛି । ସେହିପରି ସୁନାଖଳା ଡାକ୍ତରଖାନାର ଜଣେ ଡାକ୍ତର ବେଆଇନ ଗର୍ଭପାତ କରି ଫସିଥିଲେ । ଏବେ ଜଣେ ଅବସରପ୍ରାପ୍ତ ଡାକ୍ତର ସୁନାଖଳାରେ ବେଆଇନ ଗର୍ଭପାତ କରାଉଥିବା ଅଭିଯୋଗ ହୋଇଛି । ଅଧିକାଂଶ ଔଷଧ ଦୋକାନୀ ବିନା ଡାକ୍ତରୀ ଚିଠାରେ ଗର୍ଭପାତ ଔଷଧ ବିକ୍ରି କରୁଛନ୍ତି । ଫଳରେ ସେହି ଔଷଧ ସେବନ କରୁଥିବା ମହିଳାମାନଙ୍କ ଗର୍ଭପାତ ହେଉଛି । ଏ ସଂକ୍ରାନ୍ତରେ ଜଣେ ମହିଳା ନିଜ ନାମ ଗୋପନ ରଖି କହିଛନ୍ତି, ନୟାଗଡ଼ରେ ଲୁଚାଛପାରେ ଗର୍ଭସ୍ଥ ଶିଶୁର ଲିଙ୍ଗ ନିରୂପଣ କରାଯାଉଛି । ମୋର ଜଣେ ସମ୍ପର୍କୀୟଙ୍କ ଲିଙ୍ଗ ନିରୂପଣ ହୋଇଥିଲା । ହେଲେ ରିପୋର୍ଟ ଉପରେ ଭରସା ନ ପାଇବାରୁ ଆମେ ଗଞ୍ଜାମ ଯାଇ ଆଉ ଥରେ ଲିଙ୍ଗ ନିରୂପଣ କରାଇଥିଲୁ । ଉଭୟ ରିପୋର୍ଟରେ ଗର୍ଭସ୍ଥ ଶିଶୁ ଝିଅ ବୋଲି ସ୍ପଷ୍ଟ ହୋଇଥିଲା। ଗଣିଆର ଜଣେ ଯୁବକ କହିଛନ୍ତି, ଖାଲି ନୟାଗଡ଼ ନୁହେଁ, ଭୁବନେଶ୍ୱର, ଗଞ୍ଜାମ, କଟକରେ ବି ଲିଙ୍ଗ ନିରୂପଣ କରାଯାଉଛି। ହେଲେ ଚିହ୍ନା ଓ ପରିଚୟ ନ ଥିଲେ ନୟାଗଡ଼ରେ ଲିଙ୍ଗ ନିରୂପଣ ହେଉନାହିଁ । ଦାବି ମୁତାବକ ଟଙ୍କା ଦେଲେ ଅଲଟ୍ରାସାଉଣ୍ଡ ସେଣ୍ଟର କର୍ମଚାରୀମାନେ ଗର୍ଭସ୍ଥ ଶିଶୁ ପୁଅ କି ଝିଅ କହି ଦେଉଛନ୍ତି।

ଗଣିଆ ଉନ୍ନୟନ ପରିଷଦର ସଭାନେତ୍ରୀ ଉଷା ପଟ୍ଟନାୟକ କୁହନ୍ତି, ୨୦୦୭ରେ ନୟାଗଡ଼ର ଭ୍ରୂଣହତ୍ୟା ଘଟଣା ଦେଶରେ ଆଲୋଡନ ସୃଷ୍ଟି କରିଥିଲା । ୧୪ ବର୍ଷ ପରେ ବି ଏହାକୁ ରୋକାଯାଇ ପାରିନାହିଁ । ଭ୍ରୂଣହତ୍ୟାକୁ ବନ୍ଦ କରିବା ପାଇଁ ସମସ୍ତଙ୍କ ମିଳିତ ଉଦ୍ୟମ ଆବଶ୍ୟକ । ଜନସାଧାରଣ ଏହାର ପ୍ରତିବାଦ କରିବା ଦରକାର । ଜିଲାପାଳ ପୋମା ଟୁଡୁ କୁହନ୍ତି, ଭ୍ରୂଣ ହତ୍ୟାକୁ ରୋକିବାକୁ ଜିଲା ପ୍ରଶାସନ ଚଢ଼ାଉକୁ ଗୁରୁତ୍ୱ ଦେଉଛି । ଅଭିଯୋଗ ଆସିଲେ ତୁରନ୍ତ ଚଢ଼ାଉ କରାଯାଉଛି । ଭ୍ରୂଣହତ୍ୟା କରୁଥିବା ବ୍ୟକ୍ତିଙ୍କ ଉପରେ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି ।

## ଶିକ୍ଷୟିତ୍ରୀଙ୍କ ବିରୋଧରେ ମାମଲା

**ଜାଲ୍ ସିଟି ସାର୍ଟିଫିକେଟ ଦେଇ କରିଥିଲେ ଚାକିରି**

**ନୟାଗଡ଼ ଅଫିସ,୨ା୯**

ଜାଲ ସାର୍ଟିଫିକେଟ ଦେଇ ଚାକରୀ କରିଥିବା ଜଣେ ଶିକ୍ଷୟିତ୍ରୀଙ୍କ ବିରୋଧରେ ନୟାଗଡ଼ ଜିଲା ଫତେଗଡ଼ ଥାନାରେ ମାମଲା ରୁଜୁ ହୋଇଛି । ଭାପୁର ବ୍ଲକ ଶିକ୍ଷା ଅଧିକାରୀ ଜୟନ୍ତୀ ସାହୁଙ୍କ ଅଭିଯୋଗ କ୍ରମେ ପୋଲିସ ଏକ ମାମଲା(ନଂ.୧୫୮/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଫତେଗଡ଼ର ମାଣିକିଆ ସରକାରୀ ୟୁପି ସ୍କୁଲରେ ସେ ଶିକ୍ଷା ସହାୟକ ଭାବେ କାମ କରୁଛନ୍ତି । ସେ ଜାଲ ସିଟି ସାର୍ଟିଫିକେଟ ଦେଇ ଚାକିରି କରିଥିବା ଅଭିଯୋଗ ହୋଇଥିଲା । ବ୍ଲକ ଶିକ୍ଷା ଅଧିକାରୀ ତଦନ୍ତ କରି ତାଙ୍କ ସିଟି ସାର୍ଟିଫିକେଟ୍ ଜାଲ ବୋଲି ଜାଣି ପାରିଥିଲେ ।



ଖଣ୍ଡପଡ଼ା ବ୍ଲକ କାର୍ଯ୍ୟାଳୟ ପରିସରରେ ୩ଜଣ ଭିନ୍ନକ୍ଷମଙ୍କୁ ବ୍ଲକ ଅଧକ୍ଷ ମନୋଜ କୁମାର ପ୍ରଧାନ ଗୁରୁବାର ଅପରାହ୍ନରେ ଟ୍ରାଇ ସାଇକେଲ ପ୍ରଦାନ କରୁଛନ୍ତି ।

## ପୁଣି ୧୩ କରୋନା ଆକ୍ରାନ୍ତ ଚିହ୍ନଟ

**ନୟାଗଡ଼ ଅଫିସ,୨ା୯**

ନୟାଗଡ଼ ଜିଲାରୁ ପୁଣି ୧୩ଜଣ କରୋନା ଆକ୍ରାନ୍ତ ଗୁରୁବାର ଚିହ୍ନଟ ହୋଇଛନ୍ତି । ଏହି ସଂଖ୍ୟାକୁ ମିଶାଇ ୨ୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୬ ହଜାର ୨୪୦ରେ ପହଞ୍ଚିଛି। ଗୁରୁବାର ରିପୋର୍ଟରେ ଗଣିଆ ବ୍ଲକ ଓ ନୟାଗଡ଼ ପୌରାଞ୍ଚଳରୁ ୨ଜଣ ଲେଖାଏଁ ୪ଜଣ, ନୟାଗଡ଼ ବ୍ଲକରୁ ୩ଜଣ, ନୂଆଗାଁ ଓ ରଣପୁର ବ୍ଲକରୁ ଜଣେ ଲେଖାଏଁ ୨ଜଣ, ଓଡ଼ଗାଁ ବ୍ଲକରୁ ୪ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ପ୍ରଥମ ଓ ୨ୟ ଲହର ନୟାଗଡ ଜିଲାରୁ ୨୦୪ ଜଣଙ୍କ ଜୀବନ ନେଇଛି ।

## ଅଣ୍ଟାରେ ସ୍ଲାବ୍ ବାନ୍ଧି କୂଅକୁ ଡେଇଁଲେ ଯୁବକ

**ନୟାଗଡ଼ ଅଫିସ,୨ା୯**

ନୟାଗଡ଼ ଜିଲା ଗୋଡିପଡ଼ା ଫାଣ୍ଡି କଇଁଫୁଲିଆ ଗାଁରେ କୂଅକୁ ଡେଇଁ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି । ମୃତକ ହେଲେ କୈଳାସ ଦାସ(୩୮) । କୈଳାସ ଗୁରୁବାର ଖାଇ ସାରିବା ପରେ ବାରିପଟକୁ ଯାଇଥିଲେ । ଅଣ୍ଟାରେ ସ୍ଲାପ୍ ବାନ୍ଧି କୂଅକୁ ଡେଇଁ ପଡିଥିଲେ । କୌଣସି ସୂତ୍ରରୁ ଖବର ପାଇ ପରିବାର ଲୋକେ କୂଅରୁ ତାଙ୍କ ମୃତଦେହ ଠାବ କରିଥିଲେ । ପରେ ନୟାଗଡ଼ ଦମକଳ କେନ୍ଦ୍ରର କର୍ମଚାରୀ ମୃତଦେହ ଉଦ୍ଧାର କରିଥିଲେ । ଗୋଡ଼ିପଡା ଫାଣ୍ଡି ପୋଲିସ ମୃତଦେହ ଜବତ କରି ନୟାଗଡ଼ ଜିଲା

**ଗାଡ଼ି ଋଣ ପରିଶୋଧ ଚିନ୍ତା**

ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି । ଏ ସଂକ୍ରାନ୍ତରେ ଏକ ଅପମୃତ୍ୟୁ ମାମଲା(ନଂ.୧୦/୨୧) ରୁଜୁ ହୋଇଛି । ପରିବାର ଲୋକଙ୍କ ସୂଚନା ଅନୁଯାୟୀ କୈଳାସ ଏକ ବେଲେରୋ ଫାଇନାନ୍ସରେ ଆଣିଥିଲେ। କରୋନା ଯୋଗୁ ଗାଡ଼ି ଭଡ଼ାରେ ଯାଇ ନ ଥିଲା । କିନ୍ତୁ ଟଙ୍କା ପରିଶୋଧ ନ କରି ସେ ଚିନ୍ତାରେ ରହୁଥିଲେ । ସେହି ଚିନ୍ତାରେ ସେ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି ।

## ସାର ବିତରକଙ୍କୁ ଅନୁକମ୍ପା

**ନୟାଗଡ଼ ଅଫିସ,୨ା୯**

**୨୫ ବଦଳରେ ଉଠାଇଛନ୍ତି ୮୦ ପ୍ରତିଶତ ସାର**

ନୟାଗଡ଼ ଜିଲାରେ ଚଳିତ ଖରିଫ ଚାଷ ପାଇଁ ଇଫ୍କୋ ୟୁରିଆ ସାର ବଣ୍ଟନରେ ଲାଇସେନ୍ସ ପ୍ରାପ୍ତ ଘରୋଇ ବିତରକଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଛି । ସେମାନଙ୍କୁ ୨୫ ପ୍ରତିଶତ ବଦଳରେ ୮୦ ପ୍ରତିଶତ ସାର ଦେଇ ଅନୁକମ୍ପା ପ୍ରଦର୍ଶନ କରାଯାଇଥିବାରୁ କଂଗ୍ରେସ ପ୍ରତିବାଦ କରିଛି ।

କଂଗ୍ରେସର ଅଭିଯୋଗ ଅନୁସାରେ ଜିଲାରେ ୧୦ ଜଣ ଲାଇସେନ୍ସ ପ୍ରାପ୍ତ ଘରୋଇ ବିତରକ ଅଛନ୍ତି । ଜିଲାକୁ ୪୩୪୫.୮୬ ମେଟ୍ରିକ ଟନ୍ ଇଫ୍କୋ ସାର ଆସିଛି । ସେଥିମଧ୍ୟରୁ ୮୦ ପ୍ରତିଶତ ଅର୍ଥାତ ୩୬୩୬୫.୮୬ ମେଟ୍ରିକ ଟନ୍ ସାର ଚଞ୍ଚକତା କରି ଉଠାଯାଇଛି । କୃଷି ବିଭାଗ ସାର ବିତରଣ ସ୍ଥାୟୀ ବ୍ୟବସ୍ଥା ଅନୁସାରେ ମାର୍କଫେଡ଼ ସଂସ୍ଥା ମାଧ୍ୟମରେ ଜିଲାକୁ ଆସୁଥିବା ସାର ମଧ୍ୟରୁ ୭୫ ପ୍ରତିଶତ ପ୍ରାଥମିକ କୃଷି ସେବା ସମବାୟ ସମିତି ମାଧ୍ୟମରେ ଚାଷୀଙ୍କୁ ବିତରଣ କରାଯିବା ପାଇଁ ନିୟମ ରହିଛି । ବଳକା ୨୫ ପ୍ରତିଶତ ୟୁରିଆ ସାର ଖୋଲା ବଜାରରେ ବିକ୍ରି କରିବା ପାଇଁ ଘରୋଇ ବିତରକଙ୍କୁ ଯୋଗାଇ ଦେବା କଥା । ତେବେ ନୟାଗଡ ଜିଲାରେ ଓଲଟା ନିୟମ କାର୍ଯ୍ୟକାରୀ ହୋଇ ଲାଇସେନ୍ସ ପ୍ରାପ୍ତ ଘରୋଇ ବିତରକଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଛି । ପୁଣି ୟୁରିଆ ସାର ବସ୍ତା ପିଛା ୨୬୬ ଟଙ୍କା ୫୦ ପଇସା ଦର ଧାର୍ଯ୍ୟ ହୋଇଥିଲେ ମଧ୍ୟ ଅଭାବୀ ବିକ୍ରି ଚାଲିଛି । ବସ୍ତା ପିଛା ଚାଷୀ ୭୦୦ ଟଙ୍କା ଦରରେ କିଣୁଛନ୍ତି । ଏଣୁ ଘରୋଇ ବିତରକ ଉଠାଇ ଥିବା ପ୍ରାୟ ୭୪୭୯ ବସ୍ତା ୟୁରିଆ ସାର ବସ୍ତା ପିଛା ୭୦୦ ଟଙ୍କା ଦରରେ କଳାବଜାରୀ କରି ପ୍ରାୟ ୩୦ ଲକ୍ଷ ଟଙ୍କା ହଡ଼ପ ହୋଇଛି । ସମିତି ୨୦ ପ୍ରତିଶତ ହିସାବରେ ୯୮୦ ମେଟ୍ରିକଟନ ସାର ଉଠାଇଛି । ଏହି ଦୁର୍ନୀତିର ତଦନ୍ତ ପାଇଁ କଂଗ୍ରେସର ଜିଲା ସଭାପତି ରଣଜିତ ଦାଶ ଦାବି କରିଛନ୍ତି ।

## ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧିକୁ ନେଇ ଅସନ୍ତୋଷ

**ଖଣ୍ଡପଡ଼ା,୨ା୯(ସ୍ୱ.ପ୍ର.)**

ବାରମ୍ବାର ରନ୍ଧନ ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । କିଛିମାସ ତଳେ ଗ୍ୟାସ୍ ସିଲିଣ୍ଡର ଦର ବୃଦ୍ଧି ହୋଇଥିଲା । ପୁନର୍ବାର ଦରବୃଦ୍ଧି ଲୋକଙ୍କୁ ବାଧିଛି । ଏହାକୁ ନେଇ ଖଣ୍ଡପଡ଼ା ଅଞ୍ଚଳର ଉପଭୋକ୍ତାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । କରୋନା କାଳରେ ଲୋକମାନେ କାମଧନ୍ଦା ଅଭାବରୁ ଘରେ ହାତ ବାନ୍ଧି ବସିଛନ୍ତି । ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବି ବଢ଼ି ଚାଲିଛି । ଆବଶ୍ୟକ ବର୍ଷା ଅଭାବରୁ ଚାଷୀଙ୍କ ଧାନଫସଲ ଉଜୁଡ଼ିଛି । ଏହି ସମୟରେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧି ହେବା ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ବୋଲି ଉପଭୋକ୍ତାମାନେ କହିଛନ୍ତି । ଉଜ୍ୱଳା ଯୋଜନାର ଉପଭୋକ୍ତାମାନେ ବି ଏହି ଦରବୃଦ୍ଧିରେ ପ୍ରଭାବିତ ହୋଇଛନ୍ତି । ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଗ୍ୟାସ୍ ସିଲିଣ୍ଡର ସମେତ ଅତ୍ୟାବଶ୍ୟକ ସାମଗ୍ରୀର ଦର ନିୟନ୍ତ୍ରଣ ରଖିବାକୁ ଦାବି ହୋଇଛି ।

## ଓଷ୍ଟା ପକ୍ଷରୁ ଶ୍ରଦ୍ଧାଞ୍ଜଳି ସଭା

**ଦଶପଲ୍ଲା,୨ା୯(ଡି.ଏନ.ଏ.)**

ଦଶପଲ୍ଲା ରାଧା ମୋହନ ଜୀଉ ନୋଡ଼ାଲ ଉଚ୍ଚ ବିଦ୍ୟାଳୟ ସମ୍ମିଳନୀ କକ୍ଷରେ ଓଡ଼ିଶା ସେକେଣ୍ଡାରୀ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା)ପକ୍ଷରୁ ଶିକ୍ଷକ ବିଶ୍ୱନାଥ ମିଶ୍ରଙ୍କ ଶ୍ରଦ୍ଧାଞ୍ଜଳି ସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ସଭାପତିତ୍ୱ କରିଥିଲେ ସଂଘର ସଭାପତି ଶରତ ଚନ୍ଦ୍ର ବେହେରା । ଓଷ୍ଟାର ପୂର୍ବତନ ନୟାଗଡ଼ ଜିଲା ସମ୍ପାଦକ କିଶୋର ଚନ୍ଦ୍ର ପରମଗୁରୁ, ସମ୍ପାଦକ ମାଣିକେଶ୍ୱର ସ୍ୱାଇଁ,ସଭାପତି ଅଯୋଧ୍ୟାନାଥ ନାୟକ, ରାଜ୍ୟ ସମ୍ପାଦକ ବିନାୟକ ପରିଡ଼ା ଓ ଆଡଭୋକେଟ ଶରତ ଚନ୍ଦ୍ର ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ସଂଘର ବ୍ଲକ୍ ସମ୍ପାଦକ ଅକ୍ରୁର ପରିଡ଼ା,ଦଶପଲ୍ଲା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଣତୀ ପଟ୍ଟନାୟକ, ଖମାର ସାହି ହାଇସ୍କୁଲର ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ, କାଚପଲ୍ଲୀ ହାଇସ୍କୁଲର ପ୍ରଧାନଶିକ୍ଷକ ହୃଷିକେଶ ବାରିକ ଓ ସାତପାଟଣା ହାଇସ୍କୁଲର ପ୍ରଧାନଶିକ୍ଷକ ରଘୁନାଥ ସାହୁ ପ୍ରମୁଖ ବିଶ୍ୱନାଥଙ୍କ ସ୍ମୃତି ଚାରଣ କରିଥିଲେ । ଶିକ୍ଷା,ଶିକ୍ଷକ ଓ ଶିକ୍ଷାୟତନର ବିକାଶ ପାଇଁ ଓଷ୍ଟା ଅଧିକ ଶକ୍ତିଶାଳୀ ଓ ସଙ୍ଗଠିତ ଭାବେ କାର୍ଯ୍ୟ କଲେ ତାହା ହେବ ବିଶ୍ୱନାଥଙ୍କ ପାଇଁ ଉପଯୁକ୍ତ ଶ୍ରଦ୍ଧାଞ୍ଜଳି ବୋଲି ଅତିଥିମାନେ କହିଥିଲେ । ପ୍ରଧାନଶିକ୍ଷକ ବିଷ୍ଣୁ ନାରାୟଣ ଷଡଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ ।




ଶ୍ରଦ୍ଧାଞ୍ଜଳି ସଭାରେ ଯୋଗଦେଇଥିବା ଅତିଥିମାନେ ।

## ଜଙ୍ଗଲଜାତ ଦ୍ରବ୍ୟର ଉପଯୁକ୍ତ ମୂଲ୍ୟ ଦାବି

**ଦଶପଲ୍ଲା,୨ା୯(ଡି.ଏନ.ଏ.)**

ରକ୍ତକୁ ପାଣି କରି ସଂଗ୍ରହ କରୁଥିବା ଜଙ୍ଗଲ ଜାତ ଦ୍ରବ୍ୟର ସର୍ବନିମ୍ନ ସହାୟକ ମୂଲ୍ୟ ମିଳୁ ନ ଥିବାରୁ ବନବାସୀ ମହିଳାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଗୁରୁବାର ସେମାନେ ଏକତ୍ରିତ ହୋଇ ସରକାର ମୂଲ୍ୟ ନିର୍ଦ୍ଧାରଣ କରିଥିଲେ ମଧ୍ୟ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗ ଏହା ଉପରେ କୌଣସି ପଦକ୍ଷେପ ନେଉ ନ ଥିବା ଅଭିଯୋଗ କରିଥିଲେ । ଉଲିସାହି ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଭାରେ ନୂଆଗାଁ, କଳସାଖମଣ, ଚଢ଼େୟାପଲ୍ଲୀ, ପୋଖରିଗୋଛା ପଞ୍ଚାୟତରୁ ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ । ଏଥିସହିତ ପ୍ରତିବ୍ଲକରେ ଗୋଟିଏ ଲେଖାଏଁ ଜନଧନ ଯୋଜନା କେନ୍ଦ୍ର ଖୋଲିବା ପାଇଁ ସେମାନେ ଦାବି କରିଥିଲେ । ଏହି କାର୍ଯ୍ୟକ୍ରମରେ ମହିଳା ସୁରକ୍ଷା ମଞ୍ଚ ସଂଯୋଜକ କୁନାକାନ୍ତ ବେହେରା, ବସୁନ୍ଧରା ଭୁବନେଶ୍ୱରର ମିସ୍ ସାଇନି, ରଣପୁରରୁ ଭାଗ୍ୟଲକ୍ଷ୍ମୀ ବିଶ୍ୱାଳ ଓ ନିତ୍ୟାନନ୍ଦ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

## ଚୋରା ଗୋଚାଲାଣ ର୍ୟାକେଟ ସକ୍ରିୟ

**ଖଣ୍ଡପଡ଼ା,୨ା୯(ସ୍ୱ.ପ୍ର.)**

ଖଣ୍ଡପଡ଼ା ଅଞ୍ଚଳରେ ଚୋରା ଗୋଚାଲାଣ ର୍ୟାକେଟ ବେଶ ସକ୍ରୀୟ ହୋଇଛି । ଖଣ୍ଡପଡ଼ା ଓ ଏହାର ଆଖପାଖ ଅଞ୍ଚଳରୁ ବିଭିନ୍ନ ଯାନବାହନରେ ତଥା ସ୍ପଷ୍ଟ ଦିବାଲୋକରେ ଗୋଚାଲାଣ ହେଉଥିବା ଅଭିଯୋଗ ହେଉଛି । ଏ ସମ୍ପର୍କରେ ସ୍ଥାନୀୟ ପ୍ରଶାସନ ଅବଗତ ଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି । ପ୍ରଶାସନ ନିଷ୍କ୍ରିୟତାର ସୁଯୋଗ ନେଇ ଗୋଚାଲାଣକାରୀମାନେ ନିଜ ବ୍ୟବସାୟ ଚଳାଇଛନ୍ତି ବୋଲି ଅଭିଯୋଗ ହୋଇଛି ।



ଏକ ମିନି ଟ୍ରକରେ ଗୋରୁ ଚାଲାଣ କରାଯାଉଛି ।

## ରାମଲୀଳା କଳାକାରଙ୍କ ସ୍ମୃତିସଭା

**ଖଣ୍ଡପଡ଼ା,୨ା୯(ସ୍ୱ.ପ୍ର.)**

କଣ୍ଟିଲୋ କଂସାରୀ ସାହି ପାଟଣା ବାପୁଜୀ ନଗରସ୍ଥିତ ରଘୁନାଥ ଜୀଉ ରାମଲୀଳା ନାଟ୍ୟ ସମିତି ପକ୍ଷରୁ ରାମଲୀଳା କଳାକାର ରମାକାନ୍ତ ସାମନ୍ତରାୟଙ୍କ ସ୍ମୃତିସଭା ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ କଣ୍ଟିଲୋ, ବଡବାଣପୁର ପଞ୍ଚାୟତର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗଦେଇ ରମାକାନ୍ତଙ୍କ ସ୍ମୃତିଚାରଣ କରିଥିଲେ । ସମିତିର ବରିଷ୍ଠ ସଦସ୍ୟ ସୁରେନ୍ଦ୍ରନାଥ ସାହୁ, ଅନନ୍ତ ମହାପାତ୍ର, ପ୍ରଶନ୍ନ ସାହୁ, ପ୍ରଭାକର ଶିରୋମଣୀ, ଡ. ହରିହର ଦାଶ, ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର କାଣ୍ଡି, ଉଜ୍ୱଳ ମହାରଣା, ବରିଷ୍ଠ ନାଗରିକ ମଞ୍ଚ ସଭାପତି ଅଖିଳ କୁମାର ମହାରଣା ପ୍ରମୁଖ ଯୋଗଦେଇ ରମାକାନ୍ତ ଜଣେ ବ୍ୟକ୍ତି ନୁହନ୍ତି ଅନୁଷ୍ଠାନ ବୋଲି ବର୍ଣ୍ଣନା କରିଥିଲେ । ସେ ନାଟ୍ୟ ସମିତିର ଜଣେ ମୁରବୀ ଥିଲେ ବୋଲି ବକ୍ତାମାନେ କହିଥିଲେ ।

## ଜମି ଯୋଗାଇଦେବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**ଖଣ୍ଡପଡ଼ା,୨ା୯(ସ୍ୱ.ପ୍ର.)**

**ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ପାଇଁ ବାଟ ଫିଟିଲା**

ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ପାଇଁ ଆବଶ୍ୟକ ଜମି ଯୋଗାଇ ଦେବା ପାଇଁ ହାଇକୋର୍ଟ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିର୍ଦ୍ଦେଶ ପରେ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ପାଇଁ ବାଟ ଫିଟିଛି ।

ମାମଲାର ବିବରଣୀ ଅନୁଯାୟୀ, ନୟାଗଡ଼ ଜିଲା ଖଣ୍ଡପଡ଼ା ବିଦ୍ୟୁତ୍ ଉପଖଣ୍ଡ ଅଧୀନ ଖଣ୍ଡପଡ଼ା, ଭାପୁର, ଗଣିଆ ବ୍ଲକ୍ ଅଞ୍ଚଳର ଲକ୍ଷାଧିକ ଉପଭୋକ୍ତଙ୍କୁ ନିରବଚ୍ଛିନ୍ନ ସେବା ଯୋଗାଇଦେବା ଲାଗି ଖଣ୍ଡପଡ଼ାରେ ଏକ ବିଦ୍ୟୁତ୍ ଗ୍ରୀଡ୍ ପ୍ରତିଷ୍ଠା ପାଇଁ ପ୍ରସ୍ତାବ ଥିଲା । ଏଥିପାଇଁ ୧୫ ଏକର ଜମି ମିଳି ନ ଥିଲା । ଫଳରେ ଗ୍ରୀଡ୍ ପ୍ରତିଷ୍ଠା ହୋଇ ପାରି ନ ଥିଲା । ଜିଲା ପ୍ରଶାସନ ବି ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିଲେ । ଏହାକୁ ନେଇ ଏକ ମାମଲା ହାଇକୋର୍ଟରେ ରୁଜୁ ହୋଇଥିଲା । କୋର୍ଟ ଉକ୍ତ ମାମଲାର ବିଚାର କରି ତୁରନ୍ତ ସରକାରୀ ଜମି ଯୋଗାଇ ଦେବାକୁ ନୟାଗଡ଼ ଜିଲାପାଳଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ଆସନ୍ତା ୨ ମାସ ମଧ୍ୟରେ ସରକାରୀ ଜାଗା ଚିହ୍ନଟ କରି ଓପିଟିସିଏଲ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର କରିବାକୁ ନିର୍ଦ୍ଦେଶ ରହିଛି । ସୂଚନା ଅନୁଯାୟୀ, ଖଣ୍ଡପଡ଼ାରେ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ପାଇଁ ରାଜ୍ୟ ସରକାର ୨୦୧୮ରେ ୫୭ କୋଟି ଟଙ୍କା ମଞ୍ଜୁର କରିଥିଲେ । ହେଲେ ଜିଲା ପ୍ରଶାସନର ଉଦାସୀନତା ଓ ଖଣ୍ଡପଡ଼ା ତହସିଲ କର୍ତ୍ତୃପକ୍ଷଙ୍କ ସ୍ଥାଣୁତା ଯୋଗୁ ବିଦ୍ୟୁତ୍ ଗ୍ରୀଡ ପ୍ରତିଷ୍ଠା ନିମନ୍ତେ ନିକଟସ୍ଥ କଇଁଥପଲ୍ଲୀ ମୌଜାରେ ସରକାରୀ ଜାଗା ଚିହ୍ନଟ ସତ୍ତ୍ୱେ ବି ଜମି ଅଧିଗ୍ରହଣ ହୋଇ ପାରି ନ ଥିଲା । ବିଦ୍ୟୁତ୍ ସମସ୍ୟାର ସ୍ଥାୟୀ ସମାଧାନ ଦାବିରେ ଭାରତୀୟ ବିକାଶ ପରିଷଦର ସଦସ୍ୟମାନେ ଖଣ୍ଡପଡ଼ା ବିଦ୍ୟୁତ୍ ବିତରକ କମ୍ପାନୀ(ଟିପିସିଓଡିଏଲ) ଉପଖଣ୍ଡ କାର୍ଯ୍ୟାଳୟ ସମ୍ମୁଖରେ ଗତ ଜୁନ୍ମାସରେ ୨୮ ଦିନ ଧରି ଧାରଣା ଦେଇଥିଲେ । ମାତ୍ର ବିଭାଗୀୟ ଅଧିକାରୀମାନେ ଏଥିପ୍ରତି ଧ୍ୟାନ ନ ଦେଇ ନୀରବଦ୍ରଷ୍ଟା ସାଜିବାରୁ ଏହାର ପ୍ରତିବାଦରେ ଭାରତୀୟ ବିକାଶ ପରିଷଦର ରାଜ୍ୟ ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ଓ ଖଣ୍ଡପଡ଼ା ବ୍ଲକ ସଭାପତି ନିରଞ୍ଜନ ଦାସ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିଶନ ଦାଖଲ କରିଥିଲେ । ଜଷ୍ଟିସ କେ.ଆର. ମହାପାତ୍ର ଉପରୋକ୍ତ ମାମଲାର ଶୁଣାଣି କରି ଗତ ୨୭ ତାରିଖରେ ଉପରୋକ୍ତ ନିର୍ଦ୍ଦେଶନାମା ଜାରି କରିଛନ୍ତି । ଉକ୍ତ ମାମଲାକୁ ଆଇନଜୀବି ସରୋଜ କୁମାର ପାଢୀ ପରିଚାଳନା କରୁଥିଲେ ।